ଭାରତୀୟ କୃଷି ଆନୁସଙ୍ଗିକ ପରିଷଦର ପ୍ରତିଷ୍ଠା ଦିବସ ଶନିବାର ସ୍ଥାନୀୟ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏଥିରେ ଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟ କାର୍ଯ୍ୟକ୍ରମକୁ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କୃଷି ବିଜ୍ଞାନ କେନ୍ଦ୍ରରେ ହୋଇଥିଲା। କାର୍ଯ୍ୟକ୍ରମ ସରିବା ପରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଏବଂ ଉପସ୍ଥିତ ଚାଷୀ ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କୃଷକ ଓ କୃଷିଜୀବୀ ମହିଳା ମାନଙ୍କ କିଭଳି ଉନ୍ନତି ହୋଇପାରିବ ସେ ନେଇ ବୈଜ୍ଞାନିକମାନେ କହିଥିଲେ। ଅଦିନିଆ ପନିପରିବା ଚାଷ, ଗୋପାଳନ, ମାଛ ଚାଷ ସମେତ ପ୍ରମୁଖ ଚାଷ ଉପରେ ଆଲୋଚନା ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା, ଡଃ ସିଦ୍ଧାର୍ଥ ରଣବିଜୁଳି, ଡଃ ବି ଗିରି, ଅନିତା ପାତ୍ର, ଅମ୍ରିତା ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ରହି ଚାଷୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ୩ ଜିଲା ଅଧିକାରୀଙ୍କ ଗଞ୍ଜାମ ପରିଦର୍ଶନ

**ହିଞ୍ଜିଳିକାଟୁ, ୧୬।୭(ଡି.ଏନ୍.ଏ)**

ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଫର ରୁରାଲ ଡେଭଲପମେଣ୍ଟ ଆଣ୍ଡ ପଞ୍ଚାୟତିରାଜ ଭୁବନେଶ୍ୱର ଆନୁକୁଲ୍ୟରେ ୫ଦିନିଆ ପ୍ରଶିକ୍ଷଣ ଶିବିର ଚାଲୁଛି। ଶିବିରର ଅନ୍ତିମ ଦିନରେ ଶନିବାର ମୟୂରଭଞ୍ଜ, ଢେଙ୍କାନାଳ ଓ ନବରଙ୍ଗପୁର ଜିଲା ବିଭିନ୍ନ ବ୍ଲକର ୪୨ଜଣ ଅଧକ୍ଷା ଓ ଅଧକ୍ଷମାନଙ୍କ ଏକ ଟିମ କ୍ଷେତ୍ର ପରିଦର୍ଶନରେ ପୁରୁଷୋତ୍ତମପୁର ଓ ହିଞ୍ଜିଳିକାଟୁ ବ୍ଲକ ଆସିଥିଲେ। ପୁରୁଷୋତମପୁର କାର୍ଯ୍ୟକ୍ରମ ପରେ ଏହି ଟିମ ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ଓ ସାରୁ ଗ୍ରାମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଦେଖିଥିଲେ। ଟିମ ସଦସ୍ୟା ଓ ସଦସ୍ୟ ପ୍ରଥମେ ଶାସନଆମ୍ବଗାଁରେ ପହଞ୍ଚି ଆଦର୍ଶ ପୋଖରୀ, ଅଙ୍ଗନୱାଡି କେନ୍ଦ୍ର, ଶିଶୁ ଉଦ୍ୟାନ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଆଦି ବୁଲି ଦେଖିଥିଲେ। ପରେ ସାରୁ ଗ୍ରାମରେ ପହଞ୍ଚି ରୁପାନ୍ତରିତ ହାଇସ୍କୁଲ, ଗୋଶାଳା,



କ୍ଷେତ୍ର ପରିଦର୍ଶନରେ ଆସିଥିବା ବ୍ଲକ ଅଧକ୍ଷା ଅଧକ୍ଷ ।

**ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିଲେ**

ଇ ଲାଇବ୍ରେରୀ ଆଦି ପରିଦର୍ଶନ କରିଥିଲେ। ହିଞ୍ଜିଳିକାଟୁ ବିଡ଼ିଓ ସୁବ୍ରତ କୁମାର ଜେନା ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ କହିଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟର ରୁପାୟନ ସମ୍ବନ୍ଧରେ ସ୍ଥାନୀୟ ଜନପ୍ରତିନିଧି ଓ ବ୍ଲକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀ, ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ, ଜିଲା ପରିଷଦ ସଭ୍ୟା ବାଇ ଗୀତାଞ୍ଜଳୀ, ପ୍ରୀତି ସାହୁ, ଏଲା ସୁଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ବ୍ଲକର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୫୬ ଲିଟର ଦେଶୀମଦ ଜବତ, ୯ ଗିରଫ

**ଦିଗପହଣ୍ଡି,୧୬।୭(ଡି.ଏନ.ଏ.)**

ଦିଗପହଣ୍ଡି ଅବାକରୀ ପୋଲିସ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ କାରବାର ଅଭିଯୋଗରେ ୯ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨୫୬ ଲିଟର ଚୋରା ଦେଶୀମଦ ଜବତ କରିଛି। କୋର୍ଟରେ ଜାମିନ ନାମଂଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ଉପକାରାଗାରକୁ ପଠାଯାଇଛି। ସେମାନେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ବାଗଡ଼ା ଗ୍ରାମର ରାଜେନ୍ଦ୍ର ଶବର, ପୂର୍ଣ୍ଣଚନ୍ଦ୍ର ଶବର, ବୃନ୍ଦାବନ ଶବର, ସନ୍ତୋଷ ଶବର, ସୁକମାରୀ ଶବର, କେଉଟ ଶବର, ବାସଙ୍ଗପଲ୍ଲୀ ଗ୍ରାମର ବାସୁଦେବ ଦଳେଇ, ଲକ୍ଷ୍ମୀ ଦଳେଇ, ମନୁ ନାୟକ। ଦିଗପହଣ୍ଡି ଅବକାରୀ ଅଧିନରେ ବ୍ୟାପକ ଭାବେ ଚୋରା ଦେଶୀମଦ କାରବାର ଚାଲୁଥିବା ଗୁଇନ୍ଦା ସୁଚନା ପାଇ ଜିଲା ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ନାରାୟଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଅବକାରୀ ଉପ-ଅଧିକ୍ଷକ ବିଜୟ କୁମାର ଧାରୁଆ, ବ୍ରହ୍ମପୁର ଭ୍ରାମ୍ୟମାଣ ଅବକାରୀ ନୀରିକ୍ଷକ ମିହିର କୁମାର ସେଠୀ, ଉପ-ନୀରିକ୍ଷକ ଅନୀତା ପ୍ରଧାନ ଓ ଦିଗପହଣ୍ଡି ଅବକାରୀ ଏସ୍.ଆଇ ସନ୍ତୋଷ କୁମାର ସାହୁ ପ୍ରମୁଖ ଶନିବାର ଭୋର ସମୟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସମ୍ପୃକ୍ତ ଅଭିଯୁକ୍ତମାନେ ଗ୍ରାମର କେନାଲ ରାସ୍ତାରେ ବସି ମଦ ବିକ୍ରି କରୁଥିବାର ସୂଚନା ପାଇ ଚଢ଼ାଉ କରାଯାଇଥିଲା। ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଏ.ଏସ୍.ଆଇ ରଞ୍ଜିତ ଶବର, ବସନ୍ତ କୁମାର ସେଠୀ, ଏନ୍.ତ୍ରୀପତି, ଡି.ହରିବନ୍ଧୁ, ହର ମଲ୍ଲୀକ, ନୀର ବେହେରା, ଆର୍.ଲକ୍ଷ୍ମୀ ରେଡ୍ଡୀ, ଆଲ୍‌ଫା ସାହୁ, ପଦ୍ମାବତୀ ସେଠୀ ପ୍ରମୁଖ ସାମିଲ ଥିଲେ।

ଧରିତ୍ରୀ
DHARITRI
Sunday, July 17, 2022

**୨.୫ ଲକ୍ଷ ଟନ୍ ପିଆଜ ଗଚ୍ଛିତ ରଖିଛନ୍ତି କେନ୍ଦ୍ର ସରକାର**

**ନୂଆଦିଲ୍ଲୀ:** ଚଳିତ ମୌସୁମୀ ଓ ବଜାର ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ପ୍ରାୟ ୨.୫ ଲକ୍ଷ ଟନ (୨୫୦,୦୦୦ ଟନ୍) ପିଆଜ ସଂରକ୍ଷଣ କରି ରଖିଛନ୍ତି। ଏପରିକି ପିଆଜ ମୂଲ୍ୟର ସମ୍ଭାବ୍ୟ ବୃଦ୍ଧି ନିୟନ୍ତ୍ରଣ କରିବା ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ଅପରପକ୍ଷରେ ଅଗଷ୍ଟରୁ ଡିସେମ୍ବର ପର୍ଯ୍ୟନ୍ତ ପିଆଜ ଅମଳ ହେଉ ନ ଥିବାରୁ ଦେଶରେ ଏହାର ଦର ବୃଦ୍ଧି ପାଇଥାଏ। କେନ୍ଦ୍ର ସରକାରଙ୍କ ଖାଉଟି ମନ୍ତ୍ରଣାଳୟ ପିଆଜ ସଂରକ୍ଷଣ କରି ଗଚ୍ଛିତ ରଖିଥିବା କଥା ବିଭିନ୍ନ ଗଣମାଧମ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶରେ ଅମଳ ହେଉଥିବା ପିଆଜର ୬୫% ପାଇଁ ଏପ୍ରିଲରୁ ଜୁନ୍ ମଧ୍ୟରେ ଲଗାଯାଇ ଅକ୍ଟୋବରରେ ଅମଳ କରାଯାଏ।



# ଏଟିଏଫ୍ ମୂଲ୍ୟ ୨.୨% ହ୍ରାସ

**ନୂଆଦିଲ୍ଲୀ,୧୬।୭**



ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ଯୋଗୁ ଭାରତୀୟ ବିମାନ କମ୍ପାନୀଗୁଡିକ ବିମାନ ଇନ୍ଧନ (ଏଟିଏଫ୍) ମୂଲ୍ୟ ହ୍ରାସ ସମ୍ପର୍କରେ ଘୋଷଣା କରିଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁଯାୟୀ ଶନିବାର ଏଟିଏଫ୍ ମୂଲ୍ୟରେ ୨.୨% ହ୍ରାସ ଘଟିଛି। ଫଳରେ ବିମାନ ଇନ୍ଧନ ମୂଲ୍ୟ ହ୍ରାସ ହୋଇଥିବାରୁ ଯାତ୍ରୀଭଡ଼ା ମଧ ସେହି ଅନୁସାରେ କମିପାରେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ତୈଳ କମ୍ପାନୀଙ୍କ ମୂଲ୍ୟ ଅଧିସୂଚନା ଅନୁସାରେ ଏଟିଏଫ୍ ମୂଲ୍ୟ ପ୍ରତି କିଲୋଲିଟର ୩,୦୮୪.୯୪ ରେ ୨.୨% ହ୍ରାସ ଘଟି ୧,୩୮,୧୪୭.୯୩ ଟଙ୍କାରେ ରହିଛି। ଚଳିତ ବର୍ଷ ଏଟିଏଫ୍ ମୂଲ୍ୟରେ ଏହା ୨ୟ ହ୍ରାସ ବୋଲି ସୂଚନା ମିଳିଛି। ଗତମାସରେ ଏଟିଏଫ୍ କିଲୋଲିଟର ପିଛା ୧,୪୧,୨୩୨.୮୭ ଟଙ୍କାରେ ପହଞ୍ଚିଥିଲା।

ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ତୈଳ ଦରକୁ ନେଇ ପ୍ରତି ୧୫ ଦିନରେ ମୂଲ୍ୟ ସୁଧାର ହୋଇଥାଏ। ପ୍ରତି ମାସର ୧ ଓ ୧୬ ତାରିଖରେ ନୂଆ ମୂଲ୍ୟସୂଚୀ ଜାରି ହୁଏ। ତେବେ ଏହା ପୂର୍ବରୁ ଜୁଲାଇ ୧ ତାରିଖରେ ଏଟିଏଫ୍ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ହ୍ରାସ ଯୋଗୁ ୨ୟ ପକ୍ଷରେ ମୂଲ୍ୟ ସୁଧାର ଘୋଷଣା କରାଯାଇଛି।

## ଆଦାନୀ ବିଶ୍ୱର ୪ନମ୍ବର ଧନୀ

**ନୂଆଦିଲ୍ଲୀ,୧୬।୭:** ସାରା ବିଶ୍ୱର ଧନୀ ବ୍ୟକ୍ତିଙ୍କର ତାଲିକା ପ୍ରସ୍ତୁତ କରୁଥିବା ଫୋର୍ବସ ପତ୍ରିକା ଚଳିତ ମାସ ପାଇଁ ବିଶ୍ୱ ଧନୀ ବ୍ୟକ୍ତିଙ୍କ ତାଲିକା ଜାରି କରିଛି। ଫଳରେ ଫୋର୍ବସର ରିୟଲ-ଟାଇମ ବିଲିଓନେୟାର ର୍ୟାଙ୍କିଙ୍ଗ୍‌ରେ ଗୌତମ ଆଦାନୀ ୪ନମ୍ବର ସ୍ଥାନରେ ରହିଥିବା ଫୋର୍ବସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆଦାନୀ ଧନୀ ତାଲିକାରେ ୪ ନମ୍ବର ସ୍ଥାନକୁ ଉଠିବାର ବଡ଼ କାରଣ ହେଉଛି, ବିଲ୍ ଗେଟ୍‌ସଙ୍କ ସମ୍ପତ୍ତି ହ୍ରାସ ହେବା। ୨୦୨୧ ଆରମ୍ଭରୁ ଆଦାନୀଙ୍କ ସମ୍ପତ୍ତିରେ ଦ୍ରୁତି ବୃଦ୍ଧି ହେଉଛି।

# ମୁଢ଼ି, ଚୁଡ଼ା ଉପରେ ଲାଗିବ ଜିଏସ୍‌ଟି

**ନୂଆଦିଲ୍ଲୀ,୧୬।୭**

ସାରା ଦେଶବାସୀ ମହଙ୍ଗା ମାଡ଼ରେ ହନ୍ତସନ୍ତ ହେଉଥିବା ବେଳେ ସରକାର ଦରବୃଦ୍ଧି ସମ୍ପର୍କରେ ବିଚାର ନ କରି ଟିକସ ଆଦାୟ କରିବାକୁ ଲାଗି ପଡ଼ିଛନ୍ତି। ଏପରିକି ଆସନ୍ତା ସୋମବାରଠାରୁ କେତେକ ନିତ୍ୟ ବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆକାରରେ ଟିକସ ଲାଗୁ କରୁଛନ୍ତି। ଫଳରେ ଯେଉଁ ସାମଗ୍ରୀଗୁଡିକ ଉପରେ ଜିଏସ୍‌ଟି ଲାଗୁ ହେବ ସେଗୁଡ଼ିକ ପୂର୍ବାପେକ୍ଷା ଅଧିକ ମହଙ୍ଗା ହୋଇଯିବ। ବିଶେଷକରି ଆମେ ନିତିଦିନିଆ ଜୀବନରେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ମହଙ୍ଗା ହେବାକୁ ଯାଉଥିବାରୁ ତାହା ଖାଉଟିଙ୍କୁ ବିଶେଷଭାବେ ପ୍ରଭାବିତ କରିବ। ସେସବୁ ସାମଗ୍ରୀ ମଧ୍ୟରେ ରହିଛି ମୁଢ଼ି, ଚୁଡ଼ା, ପନିର, ଦହି, ଲସି, ଘୋଳଦହି, ଗୁଡ଼, ଖଇ, ଚାଉଳ, ଗହମ, ଓଟ୍ସ, ବାର୍ଲି, ପଇଡ଼ପାଣି, ଚାଉଳ ଅଟା, ମହୁ ଇତ୍ୟାଦି। କେବଳ ପଇଡ଼ପାଣିକୁ ଛାଡ଼ି ଅନ୍ୟ ଖାଦ୍ୟ ସାମଗ୍ରୀ ଉପରେ ୫% ଜିଏସ୍‌ଟି ଲାଗୁ ହେବ ବୋଲି ଜଣାପଡ଼ିଛି। ପଇଡପାଣି ଉପରେ ୧୨% ଜିଏସ୍‌ଟି ଲାଗୁ ହେବ ବୋଲି ସୂଚନା ମିଳିଛି। କେବଳ ଏତିକି ନୁହେଁ, ଏଲ୍ଇଡି ବଲ୍‌ବ, ଛୁରି, ପେନ୍‌ସିଲ ସାର୍ପେନର, ସୋଲାର ୱାଟର ହିଟର, ମାନଚିତ୍ର,ହସ୍ପିଟାଲ ରୁମ୍‌ଭଡ଼ା, ଗ୍ରାଇଣ୍ଡର ଇତ୍ୟାଦି ମଧ ମହଙ୍ଗା ହେବ।

ଗତ ମାସରେ ଚଣ୍ଡିଗଡ଼ରେ ହୋଇଥିବା ଜିଏସ୍‌ଟି ପରିଷଦ ବୈଠକରେ ଏ ସବୁ ସାମଗ୍ରୀ ଉପରେ ଜିଏସ୍‌ଟି ହାର ବଢାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

# ସୋଆକୁ ବ୍ୟାପକ ସଫଳତା

**ଭୁବନେଶ୍ୱର,୧୬।୭**

ଦେଶର ଶିକ୍ଷା ବ୍ୟବସ୍ଥାରେ ଉଭୟ ସରକାରୀ ଓ ଘରୋଇ ଅନୁଷ୍ଠାନର ପ୍ରଦର୍ଶନକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ସୋଆକୁ ବ୍ୟାପକ ସଫଳତା ପ୍ରଦାନ କରାଯାଇଛି। ଏପରିକି ଚଳିତବର୍ଷ ଏନ୍‌ଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ୍‌ରେ ସୋଆ ଦେଶର ୧୬ତମ ବିଶ୍ୱବିଦ୍ୟାଳୟ ଭାବେ ସ୍ୱୀକୃତି ଲାଭ କରିଛି। ସେହିଭଳି ସୋଆ ଓଡ଼ିଶାରେ ୧ ନମ୍ବର ଏବଂ ପୂର୍ବ ଭାରତରେ ୩ୟ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସଫଳତା ହାସଲ କରିଛି। ସେହିପରି ଏନ୍‌ଆଇଆର୍‌ଏଫ୍-୨୨ ତାଲିକାରେ ସୋଆ ଓଭରଅଲ୍ କ୍ୟାଟେଗୋରିରେ ୩୦ତମ ସ୍ଥାନରେ ରହିଥିବା ବେଳେ ମେଡିକାଲ ସାଇନ୍‌ସେସ୍‌ରେ ୧୮ତମ, ଇଞ୍ଜିନିୟରିଂରେ ୨୭ତମ ଏବଂ ଡେଣ୍ଟାଲ ସାଇନ୍‌ସେସ୍‌ରେ ୧୦ମ ସ୍ଥାନରେ ରହିଛି।

ଅପରପକ୍ଷରେ ୧ମ ଥର ପାଇଁ ଏହି ର୍ୟାଙ୍କିଙ୍ଗ୍‌ରେ ସୋଆର ଫ୍ୟାକଲ୍ଟି ଅଫ୍ ଲ' ଦେଶରେ ୯ମ ସ୍ଥାନ ହାସଲ କରିଥିବା ବେଳେ ରିସର୍ଚ୍ଚ କ୍ୟାଟେଗୋରିରେ ୪୫ତମ ସ୍ଥାନରେ ସ୍ଥାନିତ ହୋଇଛି। ସୋଆର ୨ଟି ଅନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ଏବଂ ସୋଆ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' ୧ମ ଥର ପାଇଁ ଦେଶର ଶ୍ରେଷ୍ଠ ୧୦ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ ହୋଇଛି। ଉଲ୍ଲେଖଯୋଗ୍ୟ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍ ପୂର୍ବାଞ୍ଚଳରେ ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ସୋଆ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଫ୍ୟାକଲ୍ଟି ଅଫ୍ ଲ') ପୂର୍ବାଞ୍ଚଳରେ ତୃତୀୟ ସ୍ଥାନରେ ରହିଛି।

୨୫ବର୍ଷ ପୂର୍ବେ ଭୁବନେଶ୍ୱରରେ ଜନ୍ମ ନେଇଥିବା ଶିକ୍ଷା ଓ ଅନୁସନ୍ଧାନ (ଡିମ୍‌ଡ ଟୁ ବି ୟୁନିଭର୍ସିଟି) ଆଜି ପୂର୍ବ ଭାରତରେ ଏକ ଉଜ୍ଜ୍ୱଳ ଉଚ୍ଚଶିକ୍ଷା କେନ୍ଦ୍ର ଭାବେ ଉଭା ହୋଇଛି।

## 'ଡିଜିଟାଲ ଇଣ୍ଡିଆ ଉଇକ'ରେ ଏସ୍‌ଟିପିଆଇ ସାମିଲ

**ଭୁବନେଶ୍ୱର,୧୬।୭**

ଚଳିତ ବର୍ଷ ଗୁଜରାଟର ଗାନ୍ଧୀନଗରଠାରେ 'ଡିଜିଟାଲ ଇଣ୍ଡିଆ ଉଇକ-୨୦୨୨'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସଫ୍ଟୱେର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପକ୍ଷରୁ 'ଡିଜିଟାଲ ଇଣ୍ଡିଆ ଉଇକ-୨୦୨୨' ଅବସରରେ ୭୫ରୁ ଅଧିକ ସମ୍ପୂର୍ଣ୍ଣ ନୂତନ ଷ୍ଟାର୍ଟଅପ୍ ପ୍ରଦର୍ଶିତ କରିଥିଲା। ସେହିଭଳି ଏସ୍‌ଟିପିଆଇ-ଭୁବନେଶ୍ୱର ପକ୍ଷରୁ ଡିଜିଟାଲ ମେଳାରେ ଇଲେକ୍‌ଟ୍ରୋପ୍ରିନ୍ୟୋର ପାର୍କ, ଭୁବନେଶ୍ୱର ଏବଂ ଏନ୍‌ଜିଆଇଏସ୍‌ର ୧୨ଟି ସମ୍ପୂର୍ଣ୍ଣ ନୂତନ ଷ୍ଟାର୍ଟଅପ୍‌ର ଅଂଶଗ୍ରହଣକୁ ସୁଗମ ସହ ଭବିଷ୍ୟତର ବହୁବିଧ ପ୍ରଯୁକ୍ତି ପ୍ରଦର୍ଶନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଏସ୍‌ଟିପିଆଇ ଭୁବନେଶ୍ୱର ଏନ୍‌ଜିଆଇଏସ୍ ଅଧୀନରେ ଥିବା ୨ଟି ଷ୍ଟାର୍ଟଅପ୍ ମେସର୍ସ ମୁଲ ଇନୋଭେସନ ଲାବ୍‌ସ ପ୍ରାଇଭେଟ ଲିମିଟେଡ୍ ଏବଂ ମେସର୍ସ ଫେଲିସ ଲିଓ ୱିଜେଟସ ପ୍ରାଇଭେଟ ଲିମିଟେଡ୍‌କୁ ଏସ୍‌ଟିପିଆଇ ଏନ୍‌ଜିଆଇଏସ୍ ସିଡ୍ ଫଣ୍ଡ ଆକାରରେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

## ୧୬% ବଢ଼ିପାରେ ଆଇଏଆଇର ଆୟ

**ନୂଆଦିଲ୍ଲୀ,୧୬।୭**

ଭାରତୀୟ ବିଜ୍ଞାପନ ଇଣ୍ଡଷ୍ଟ୍ରି (ଆଇଏଆଇ) ବଜାର ତୀବ୍ର ଗତିରେ ବଢୁଛି ବୋଲି ଆକଳନ କରାଯାଉଛି। ଫଳରେ ଚଳିତ ବର୍ଷ ଉକ୍ତ ଇଣ୍ଡଷ୍ଟ୍ରିର ଆୟ ୧୬% ବୃଦ୍ଧି ହୋଇପାରେ ବୋଲି ବଜାର ବିଶେଷଜ୍ଞ ଓ ରିସର୍ଚ୍ଚ ୟୁନିଟ୍‌ଗୁଡିକ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଡେଟ୍ ଗ୍ଲୋବାଲର ରିପୋର୍ଟ ଅନୁସାରେ ଚଳିତ ବର୍ଷ ଆଇଏଆଇର ଆୟ ୧୬% ବଢ଼ି ୧୧୧୦ କୋଟି ଡଲାର (୮୮,୬୩୯ କୋଟି ଟଙ୍କା) ରେ ପହଞ୍ଚିବ ବୋଲି କୁହାଯାଇଛି।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ବିଷ୍ଣୁ ଚରଣ ମହାନ୍ତି**

ସର୍ଦ୍ଧୋଳା, କନକପୁର, ଜଗତସିଂହପୁର

ଆବିର୍ଭାବ : ୨୭.୦୩.୧୯୩୨
ତିରୋଧାନ : ୧୭.୦୭.୨୦୨୧

ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:
ଭକ୍ତ, ଚିତ୍ତ, ଭାରତ, ମିତା, ମାମା, ମିତାଳି, ବନ୍ଧୁ ଓ ପରିବାରବର୍ଗ।

ଧ-୧୦୧୮

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଡଃ ରଘୁନାଥ ମହାପାତ୍ର**

ଚାଷୀଖଣ୍ଡ, ବାଇଶିମୌଜା, ଜଗତ୍‌ସିଂହପୁର

**ସ୍ୱର୍ଗୀୟ ବାପା,**
ଗତକାଲି ଭଳି ଲାଗୁଛି ଆଜିର ସ୍ମୃତିଦିନ। ଆପଣ ମା' ଶ୍ରୀ ଅରବିନ୍ଦଙ୍କ ପାଦପଦ୍ମରେ ସମର୍ପିତ। ସେହି ସମର୍ପଣର କୃପାରୁ ଆପଣଙ୍କ ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା ଓ ନାତିନାତୁଣୀ ଖୁସିରେ ଅଛନ୍ତି। କିନ୍ତୁ ଚକ୍ଷୁର ଲୁହ ହୃଦୟର ଅନ୍ତଃ ଗହ୍ୱରରୁ ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗକୁ ଅବିସ୍ମରଣୀୟ ରଖିଛି। ଆତ୍ମାର ସଦ୍‌ଗତି ପାଇଁ ମା'ଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଧ-୧୦୦୯


**ତହସିଲଦାରଙ୍କ କାର୍ଯ୍ୟାଳୟ, ବୋରିଗୁମ୍ମା**

## ତଥା ଭୂ-ଅର୍ଜନ ଅଧିକାରୀ (କ୍ଷମତାପ୍ରାପ୍ତ ଅଧିକାରୀ)

(ଭାରତ ସରକାରଙ୍କ ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩ (ii)ରେ ପ୍ରକାଶ ନିମନ୍ତେ)

**ଭାରତ ସରକାର**

**(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)**

## ଅଧିସୂଚନା

**ନୂଆଦିଲ୍ଲୀ- ୩୧।୦୫।୨୦୨୨**

No.X-18:- କା:ଆ ୨୪୮୩ (ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା ୪୮) (ଯାହାକି ପରେ ଉକ୍ତ ଅଧିନିୟମ ରୂପେ ଗୃହୀତ)ର ଧାରା ୩ (କ)ର ଉପଧାରା (୧) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୨୬କି.ମି. ୨୯୪.୨୮୦ ଠାରୁ ୩୧୯.୨୮୦ (ନବରଙ୍ଗପୁର-ବୋରିଗୁମ୍ମା) ହେଉଅଛି । ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚକ ଉପରୋକ୍ତ ଉଦ୍ଦେଶ୍ୟରେ (ଘୋଷଣାନାମାରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଗଲା)।

ଯଦି କୌଣସି ବ୍ୟକ୍ତି ଯାହାର ଉକ୍ତ ଭୂମିରେ ସ୍ୱାର୍ଥଯୁକ୍ତ ହୋଇଥାନ୍ତି, ତେବେ ଉକ୍ତ ଅଧିନିୟମର ଧାରା ୩(ଗ)ର ଉପଧାରା (୧)ର ଅନ୍ତର୍ଗତ ଏପରି ଭୂମିର ଉପଯୋଗ ସମ୍ବନ୍ଧରେ, ଏହି ଅଧିସୂଚନା ପ୍ରକାଶ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଆପତ୍ତି କରିପାରିବେ ।

ଏହି ସମସ୍ତ ଆପତ୍ତିଗୁଡିକ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋରିଗୁମ୍ମା (କ୍ଷମତାପ୍ରାପ୍ତ ଅଧିକାରୀ) ଅର୍ଥାତ୍ ଭୂ-ଅର୍ଜନ ଅଧିକାରୀ, ସମ୍ମୁଖରେ ଲିଖିତ ରୂପେ କରାଯିବ ଓ ତାହା କେଉଁ ଆଧାରରେ କରାଯାଉଛି, ଉଲ୍ଲେଖ ହେବ, କ୍ଷମତାପ୍ରାପ୍ତ ଅଧିକାରୀ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ରୂପେ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ଆଇନଜୀବୀଙ୍କ ମାଧ୍ୟମରେ ଅଭିଯୋଗଗୁଡିକ ଶୁଣିବା ପାଇଁ ସୁଯୋଗ ଦେବେ ଏବଂ ତାଙ୍କ ଅଭିଯୋଗର ତର୍ଜମା ପରେ ଯଦି ଉଚିତ ମନେ କରନ୍ତି ତାହେଲେ ବିଚାର ନିମନ୍ତେ ଗ୍ରହଣ କରିବେ କିମ୍ବା ଫେରସ୍ତ କରିବେ ।

ଉକ୍ତ ଅଧିନିୟମର ଧାରା ୩ (ଗ)ର ଉପଧାରା (୨)ର ଅଧୀନ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କରାଯାଇଥିବା ଆଦେଶ ଅନ୍ତିମ ବୋଲି ଧରାଯିବ।

ଉକ୍ତ ଅଧିସୂଚନା ଅନ୍ତର୍ଗତ ହେଉଥିବା ଭୂମିର ନକ୍ସା (ରେଖାଚିତ୍ର) ଓ ଅନ୍ୟ ବିବରଣୀ ତହସିଲଦାର, ବୋରିଗୁମ୍ମା ତଥା ଭୂ-ଅର୍ଜନ ଅଧିକାରୀ, ବୋରିଗୁମ୍ମା କାର୍ଯ୍ୟାଳୟରେ କାର୍ଯ୍ୟରତ ଦିବସଗୁଡିକର ସ୍ୱାର୍ଥଯୁକ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦେଖିବା ପାଇଁ ଉପଲବ୍ଧ ହେବ।

**ସ୍ୱା./- ତହସିଲଦାରଙ୍କ କାର୍ଯ୍ୟାଳୟ**
**ବୋରିଗୁମ୍ମା**
**ତଥା ଭୂ-ଅର୍ଜନ ଅଧିକାରୀ (କ୍ଷମତାପ୍ରାପ୍ତ ଅଧିକାରୀ)**
**ଜାତୀୟ ରାଜପଥ ୨୬, କୋରାପୁଟ ଜିଲ୍ଲା**

## ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ -26 କି.ମି. ୨୯୪.୨୮୦ ଠାରୁ ୩୧୯.୨୮୦ (ନବରଙ୍ଗପୁର-ବୋରିଗୁମ୍ମା) ହେଉଅଛିର ନିର୍ଦ୍ଦିଷ୍ଟ ଭୂଖଣ୍ଡ ନିର୍ମାଣ (ପ୍ରଶସ୍ତୀକରଣ/ ୪ ଲେନ୍) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ଉକ୍ତ ଭୂ-ଅର୍ଜନ ବିସ୍ତୃତ ବିବରଣୀ ନମ୍ବରେ ପ୍ରଦାନ କରାଗଲା ।

| କ୍ର. ନଂ. | ଜିଲ୍ଲାର ନାମ | ତହସିଲ/ ଥାନାର ନାମ | ଗ୍ରାମର ନାମ | ସର୍ଭେ ନଂ. | ଭୂମିର ବିସ୍ତାରିତ ବିବରଣୀ | ଭୂମିର କିସମ | କ୍ଷେତ୍ରଫଳ (ହେକ୍ଟର) |
|---|---|---|---|---|---|---|---|
| ୧ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୪୬ | ରୟତି | ଧାନ-୨ | ୦.୦୧୬୨ |
| ୨ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୫୩ | ରୟତି | ଧାନ-୨ | ୦.୦୬୦ |
| ୩ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୫୪ | ରୟତି | ଧାନ-୩ | ୦.୦୨୪୩ |
| ୪ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୫୫ | ରୟତି | ଡଙ୍ଗର-୨ | ୦.୦୧୨୧ |
| ୫ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୫୯ | ରୟତି | ଧାନ-୨ | ୦.୦୦୮୧ |
| ୬ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୬୩ | ରୟତି | ଡଙ୍ଗର-୨ | ୦.୦୨୪୩ |
| ୭ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୬୬ | ସରକାରୀ | ପତିତ | ୦.୦୩୨୪ |
| ୮ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୬୭ | ରୟତି | ଧାନ-୨ | ୦.୦୫୨୬ |
| ୯ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୦୬୯ | ସରକାରୀ | ପତିତ | ୦.୦୩୬୪ |
| ୧୦ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୦୫ | ସରକାରୀ | ପତିତ | ୦.୦୨୦୨ |
| ୧୧ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୪୦ | ରୟତି | ଡଙ୍ଗର-୨ | ୦.୦୧୪୧ |
| ୧୨ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୪୫ | ସରକାରୀ | ଗୋଚର | ୦.୦୪୮୬ |
| ୧୩ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୪୬ | ରୟତି | ଡଙ୍ଗର-୨ | ୦.୦୨୦୨ |
| ୧୪ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୪୯ | ସରକାରୀ | ପତିତ | ୦.୦୬୮୮ |
| ୧୫ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୦ | ରୟତି | ଡଙ୍ଗର-୨ | ୦.୦୩୨୪ |
| ୧୬ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୧ | ରୟତି | ଧାନ-୩ | ୦.୦୦୪୫ |
| ୧୭ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୨ | ରୟତି | ଧାନ-୨ | ୦.୦୪୪୫ |
| ୧୮ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୩ | ରୟତି | ଧାନ-୩ | ୦.୦୦୮୧ |
| ୧୯ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୬ | ରୟତି | ଧାନ-୩ | ୦.୦୬୦୭ |
| ୨୦ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୫୮ | ସରକାରୀ | ଗୋଚର | ୦.୦୦୪୦ |
| ୨୧ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୭୬ | ସରକାରୀ | ଗୋଚର | ୦.୦୧୨୧ |
| ୨୨ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୭୮ | ରୟତି | ଡଙ୍ଗର-୨ | ୦.୦୬୮୮ |
| ୨୩ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୭୯ | ରୟତି | ଡଙ୍ଗର-୩ | ୦.୦୨୪୩ |
| ୨୪ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୮୨ | ସରକାରୀ | ରାସ୍ତା | ୦.୦୦୪୦ |
| ୨୫ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୮୬ | ସରକାରୀ | ଗୋଚର | ୦.୦୪୪୫ |
| ୨୬ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୮୮ | ରୟତି | ଡଙ୍ଗର-୩ | ୦.୦୨୮୩ |
| ୨୭ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୧୧୮୯ | ସରକାରୀ | ଗୋଚର | ୦.୦୬୦୭ |
| ୨୮ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୧ | ରୟତି | ଧାନ-୨ | ୦.୦୦୮୧ |
| ୨୯ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୨ | ରୟତି | ଧାନ-୨ | ୦.୦୧୬୨ |
| ୩୦ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୩ | ରୟତି | ଧାନ-୨ | ୦.୦୦୪୦ |
| ୩୧ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୪ | ରୟତି | ଧାନ-୨ | ୦.୦୧୨୧ |
| ୩୨ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୫ | ରୟତି | ଧାନ-୨ | ୦.୦୨୮୩ |
| ୩୩ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୬ | ରୟତି | ଧାନ-୨ | ୦.୦୪୪୫ |
| ୩୪ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୮ | ରୟତି | ଧାନ-୨ | ୦.୦୪୪୫ |
| ୩୫ | କୋରାପୁଟ | ବୋରିଗୁମ୍ମା | ଆଉଁଳି | ୮୪୯ | ରୟତି | ଧାନ-୧ | ୦.୦୧୬୨ |
| ୩୬ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬ | ସରକାରୀ | ବସତି | ୦.୦୦୪ |
| ୩୭ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୬୬୭ | ରୟତି | ଘରବାରି | ୦.୦୦୬ |
| ୩୮ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୬୭୪ | ରୟତି | ଘରବାରି | ୦.୦୦୪ |
| ୩୯ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୬୭୭ | ରୟତି | ଘରବାରି | ୦.୦୦୧ |
| ୪୦ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୭୪୦ | ରୟତି | ଘରବାରି | ୦.୦୦୧ |
| ୪୧ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୭୭୧ | ରୟତି | ଘରବାରି | ୦.୦୦୪ |
| ୪୨ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୧୦୨୬/୩୮୮୩ | ରୟତି | ଘରବାରି | ୦.୦୦୧ |
| ୪୩ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୭୬୬/୩୭୧୬ | ରୟତି | ଘରବାରି | ୦.୦୦୪ |
| ୪୪ | କୋରାପୁଟ | ବୋରିଗୁମ୍ମା | ବୋରିଗୁମ୍ମା | ୮୦୯ | ସରକାରୀ | ଘରବାରି | ୦.୦୦୬ |
| ୪୫ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୩୪ | ରୟତି | ଘରବାରି | ୦.୦୨୦୨ |
| ୪୬ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୩୫ | ରୟତି | ଡଙ୍ଗର-୨ | ୦.୦୨୦୨ |
| ୪୭ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୩୬ | ରୟତି | ଡଙ୍ଗର-୨ | ୦.୦୦୭୩ |
| ୪୮ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୩୭ | ରୟତି | ଡଙ୍ଗର-୨ | ୦.୦୧୩୮ |
| ୪୯ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୩୮ | ରୟତି | ଘରବାରି | ୦.୦୦୯୩ |
| ୫୦ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୭୯ | ରୟତି | ଧାନ-୨ | ୦.୦୨୦୨ |
| ୫୧ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୮୦ | ରୟତି | ଧାନ-୨ | ୦.୦୨୮୩ |
| ୫୨ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୩୮୦/୬୬୬ | ରୟତି | ଡଙ୍ଗର-୨ | ୦.୦୦୨ |
| ୫୩ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୦୯/୮୬୩ | ରୟତି | ଡଙ୍ଗର-୨ | ୦.୦୦୪ |
| ୫୪ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୧୧ | ରୟତି | ଡଙ୍ଗର-୨ | ୦.୦୦୮୧ |
| ୫୫ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୧୨/୩ | ରୟତି | ଧାନ-୩ | ୦.୦୦୮୧ |
| ୫୬ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୧୬ | ସରକାରୀ | ମଶାଣି | ୦.୦୧୮୨ |
| ୫୭ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୧୭ | ରୟତି | ଡଙ୍ଗର-୨ | ୦.୦୦୮୧ |
| ୫୮ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୧୯ | ରୟତି | ଡଙ୍ଗର-୨ | ୦.୦୧୫ |
| ୫୯ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୨୦ | ରୟତି | ଧାନ-୨ | ୦.୦୧୦୧ |
| ୬୦ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୨୧ | ରୟତି | ଧାନ-୧ | ୦.୦୪୪୫ |
| ୬୧ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୨୫ | ରୟତି | ଧାନ-୨ | ୦.୦୦୭୩ |
| ୬୨ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୨୬ | ରୟତି | ଧାନ-୩ | ୦.୦୨୪୩ |
| ୬୩ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୩୦/୭୧୬ | ରୟତି | ଧାନ-୩ | ୦.୦୧୬୨ |
| ୬୪ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୩୦/୭୨୦ | ରୟତି | ଧାନ-୩ | ୦.୦୧୬୨ |
| ୬୫ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୩୧ | ରୟତି | ଡଙ୍ଗର-୨ | ୦.୦୧୩୦ |
| ୬୬ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୩୬ | ରୟତି | ଡଙ୍ଗର-୨ | ୦.୦୦୪୯ |
| ୬୭ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୩୭ | ରୟତି | ଡଙ୍ଗର-୨ | ୦.୦୩୬୪ |
| ୬୮ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୫୧ | ରୟତି | ଡଙ୍ଗର-୨ | ୦.୦୧୯୦ |
| ୬୯ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୫୨ | ରୟତି | ଧାନ-୩ | ୦.୦୩୦୮ |
| ୭୦ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୫୩ | ରୟତି | ଧାନ-୩ | ୦.୦୦୮୧ |
| ୭୧ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୫୫ | ରୟତି | ଧାନ-୩ | ୦.୦୧୪୬ |
| ୭୨ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୯୦ | ରୟତି | ଡଙ୍ଗର-୩ | ୦.୦୧୮୨ |
| ୭୩ | କୋରାପୁଟ | ବୋରିଗୁମ୍ମା | ଝିଲିମିଲି | ୪୯୨ | ରୟତି | ଡଙ୍ଗର-୩ | ୦. ୦୦୪ |
| ୭୪ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୦୬ | ରୟତି | ଡଙ୍ଗର-୨ | ୦.୦୦୬ |
| ୭୫ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୧୯ | ସରକାରୀ | ଧାନ-୧ | ୦.୦୨୪୩ |
| ୭୬ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୨୧ | ରୟତି | ଧାନ-୩ | ୦.୦୦୬୮ |
| ୭୭ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୨୫ | ରୟତି | ଧାନ-୨ | ୦.୦୧୪୧ |
| ୭୮ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୨୯ | ରୟତି | ଧାନ-୧ | ୦.୦୨୦୨ |
| ୭୯ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୨ | ରୟତି | ଡଙ୍ଗର-୨ | ୦.୦୦୪ |
| ୮୦ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୨/୧୦୭୭ | ରୟତି | ଡଙ୍ଗର-୨ | ୦.୦୦୧୯ |
| ୮୧ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୨/୧୧୧୬ | ରୟତି | ଡଙ୍ଗର-୨ | ୦.୦୦୧ |
| ୮୨ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୩ / ୫୭୫ | ରୟତି | ଡଙ୍ଗର-୨ | ୦.୦୦୨୮ |
| ୮୩ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୩/୫୭୫/୮୦୦ | ରୟତି | ଘରବାରି | ୦.୦୦୧୪ |
| ୮୪ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୪/୯୦୯ | ରୟତି | ଘରବାରି | ୦.୦୦୦୮ |
| ୮୫ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୫ | ରୟତି | ଧାନ-୩ | ୦.୦୦୪ |
| ୮୬ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୭ | ରୟତି | ଡଙ୍ଗର-୨ | ୦.୦୧୬୨ |
| ୮୭ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୪୯ | ରୟତି | ଡଙ୍ଗର-୨ | ୦.୦୧୮୨ |
| ୮୮ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୬୧ | ରୟତି | ଡଙ୍ଗର-୩ | ୦.୦୦୮୧ |
| ୮୯ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୬୧ /୧୦୯୨ | ରୟତି | ଡଙ୍ଗର-୩ | ୦.୦୦୨୪ |
| ୯୦ | କୋରାପୁଟ | ବୋରିଗୁମ୍ମା | କାଳିଆଗୁଡ଼ା | ୨୬୧ /୧୦୯୨/୧୧୧୬ | ରୟତି | ଡଙ୍ଗର-୩ | ୦.୦୦୫୩ |
| ୯୧ | କୋରାପୁଟ | ବୋରିଗୁମ୍ମା | କାମରା | ୩୯୯ | ରୟତି | ଧାନ-୨ | ୦.୦୦୮୧ |
| ୯୨ | କୋରାପୁଟ | ବୋରିଗୁମ୍ମା | କାମରା | ୪୦୦ | ରୟତି | ଧାନ-୧ | ୦.୦୬୦୭ |
| ୯୩ | କୋରାପୁଟ | ବୋରିଗୁମ୍ମା | କାମରା | ୪୦୫ | ରୟତି | ଘରବାରି | ୦.୦୧୬୧ |
| ୯୪ | କୋରାପୁଟ | ବୋରିଗୁମ୍ମା | କାମରା | ୪୦୬ | ରୟତି | ଧାନ-୧ | ୦.୦୭୨୮ |
| ୯୫ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୫୯ | ରୟତି | ଘରବାରି | ୦.୦୧୩୪ |
| ୯୬ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୬୪ | ରୟତି | ଧାନ-୨ | ୦.୦୧୧୬ |
| ୯୭ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୭୦/୭୯୦ | ରୟତି | ଘରବାରି | ୦.୦୦୧୬ |
| ୯୮ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୭୧/୧୨୨୯ | ରୟତି | ଡଙ୍ଗର-୨ | ୦.୦୦୦୮ |
| ୯୯ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୭୧/୭୭୭ | ରୟତି | ଡଙ୍ଗର-୨ | ୦.୦୦୨ |
| ୧୦୦ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୭୫ | ରୟତି | ଡଙ୍ଗର-୨ | ୦.୦୦୬୯ |
| ୧୦୧ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୭୬ | ରୟତି | ଡଙ୍ଗର-୨ | ୦.୦୦୪୯ |
| ୧୦୨ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୮୧ | ରୟତି | ଧାନ-୨ | ୦.୦୧୩୮ |
| ୧୦୩ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୮୨ | ରୟତି | ଧାନ-୩ | ୦.୦୦୪୫ |
| ୧୦୪ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୮୩ | ରୟତି | ଡଙ୍ଗର-୨ | ୦.୦୦୪୫ |
| ୧୦୫ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୧୮୪ | ରୟତି | ଡଙ୍ଗର-୨ | ୦.୦୧୦୧ |
| ୧୦୬ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୨୧୫ | ରୟତି | ଧାନ-୩ | ୦.୦୧୭୦ |
| ୧୦୭ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୬୫ | ରୟତି | ଧାନ-୨ | ୦.୦୦୬୧ |
| ୧୦୮ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୬୬ | ରୟତି | ଧାନ-୩ | ୦.୦୦୪୫ |
| ୧୦୯ | କୋରାପୁଟ | ବୋରିଗୁମ୍ମା | କୁନ୍ଦୁରାଗୁଡ଼ା | ୬୭ | ରୟତି | ଡଙ୍ଗର-୨ | ୦.୦୦୩୨ |
| ୧୧୦ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୦୬ | ରୟତି | ଡଙ୍ଗର-୨ | ୦.୦୦୮୧ |
| ୧୧୧ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୦୭ | ରୟତି | ଡଙ୍ଗର-୨ | ୦.୦୧୨୧ |
| ୧୧୨ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୦୮ | ରୟତି | ଡଙ୍ଗର-୨ | ୦.୦୧୦୧ |
| ୧୧୩ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୧ | ରୟତି | ଧାନ-୨ | ୦.୦୧୨୧ |
| ୧୧୪ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୨ | ରୟତି | ଧାନ-୩ | ୦.୧୫୧୭ |
| ୧୧୫ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୬ | ରୟତି | ଧାନ-୩ | ୦.୧୪୩୬ |
| ୧୧୬ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୭ | ରୟତି | ଧାନ-୩ | ୦.୦୩୪୩ |
| ୧୧୭ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୮ | ରୟତି | ଧାନ-୨ | ୦.୦୧୨୧ |
| ୧୧୮ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୫୯ | ରୟତି | ଧାନ-୧ | ୦.୦୨୦୨ |
| ୧୧୯ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୬୪ | ରୟତି | ଧାନ-୩ | ୦.୦୦୯୩ |
| ୧୨୦ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୬୫ | ରୟତି | ଧାନ-୨ | ୦.୦୦୯୭ |
| ୧୨୧ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୬୫/୫୯୩ | ରୟତି | ଧାନ-୨ | ୦.୦୦୭୩ |
| ୧୨୨ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୬୬ | ରୟତି | ଧାନ-୨ | ୦.୦୨୭୯ |
| ୧୨୩ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୭୬ | ରୟତି | ଧାନ-୨ | ୦.୦୦୯୭ |
| ୧୨୪ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୭୭ | ରୟତି | ଡଙ୍ଗର-୩ | ୦.୦୧୧୩ |
| ୧୨୫ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୭୮ | ରୟତି | ଡଙ୍ଗର-୧ | ୦.୦୧୬୨ |
| ୧୨୬ | କୋରାପୁଟ | ବୋରିଗୁମ୍ମା | ମଝିଆ | ୨୭୯ | ରୟତି | ଧାନ-୨ | ୦.୦୫୨୬ |
| ୧୨୭ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୦୭ | ରୟତି | ଡଙ୍ଗର-୨ | ୦.୧୬୧୮ |
| ୧୨୮ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୦୯ | ରୟତି | ଡଙ୍ଗର-୨ | ୦.୦୫୨୬ |
| ୧୨୯ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୧୩ | ରୟତି | ଡଙ୍ଗର-୩ | ୦.୦୧୬୨ |
| ୧୩୦ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୨୩ | ରୟତି | ଡଙ୍ଗର-୩ | ୦.୦୩୬୪ |
| ୧୩୧ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୨୫ | ରୟତି | ପାଣିନାଳ | ୦.୦୧୭୮ |
| ୧୩୨ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୨୬ | ରୟତି | ଡଙ୍ଗର-୨ | ୦.୦୦୮୧ |
| ୧୩୩ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୨୬/୧୨୮୫ | ରୟତି | ଘରବାରି | ୦.୦୧୯୮ |
| ୧୩୪ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୩୫ | ରୟତି | ଧାନ-୧ | ୦.୦୨୮୩ |
| ୧୩୫ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୩୫/୭୬୨ | ରୟତି | ଧାନ-୧ | ୦.୨୦୨୪ |
| ୧୩୬ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୩୬ | ରୟତି | ପାଣିନାଳ | ୦.୦୧୩୮ |
| ୧୩୭ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୩୮ | ରୟତି | ଧାନ-୨ | ୦.୦୧୨୧ |
| ୧୩୮ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୫୨ | ରୟତି | ଡଙ୍ଗର-୧ | ୦.୦୨୭୯ |
| ୧୩୯ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୫୩ | ରୟତି | ଧାନ-୧ | ୦.୦୦୮୧ |
| ୧୪୦ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୫୬ | ରୟତି | ଧାନ-୧ | ୦.୦୩୪୮୦ |
| ୧୪୧ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୫୯ | ରୟତି | ଧାନ-୧ | ୦.୦୧୩୦ |
| ୧୪୨ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୦ | ରୟତି | ଧାନ-୧ | ୦.୦୨୨୨ |
| ୧୪୩ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୦/୫୮୧ | ରୟତି | ଧାନ-୧ | ୦.୦୦୮୧ |
| ୧୪୪ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୦/୫୮୫ | ରୟତି | ଧାନ-୧ | ୦.୦୦୮୧ |
| ୧୪୫ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୦/୬୦୯ | ରୟତି | ଧାନ-୧ | ୦.୧୮୦ |
| ୧୪୬ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୨ | ରୟତି | ଧାନ-୧ | ୦.୦୬୦ |
| ୧୪୭ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୩ | ରୟତି | ଧାନ-୧ | ୦.୦୧୨୧ |
| ୧୪୮ | କୋରାପୁଟ | ବୋରିଗୁମ୍ମା | ମଝିଆ | ୩୬୩/୦୬୩ | ରୟତି | ଧାନ-୧ | ୦.୦୨୬୩ |
| ୧୪୯ | କୋରାପୁଟ | ବୋରିଗୁମ୍ମା | ମଝିଆ | ୪୯୯/୧ | ରୟତି | ଧାନ-୧ | ୦.୦୧୮୨ |
| ୧୫୦ | କୋରାପୁଟ | ବୋରିଗୁମ୍ମା | ମଝିଆ | ୫୧୬ | ରୟତି | ଡଙ୍ଗର-୨ | ୦.୦୧୦୧ |
| ୧୫୧ | କୋରାପୁଟ | ବୋରିଗୁମ୍ମା | ମଝିଆ | ୫୩୩ | ରୟତି | ଡଙ୍ଗର-୨ | ୦.୦୧୭୦ |

**ସ୍ୱା./- ତହସିଲଦାରଙ୍କ କାର୍ଯ୍ୟାଳୟ**
**ବୋରିଗୁମ୍ମା**
**ତଥା ଭୂ-ଅର୍ଜନ ଅଧିକାରୀ (କ୍ଷମତାପ୍ରାପ୍ତ ଅଧିକାରୀ)**
**ଜାତୀୟ ରାଜପଥ ୨୬, କୋରାପୁଟ ଜିଲ୍ଲା**

OIPR-24212/14/0002/2223

# ବର୍ଷାରେ ଷ୍ଟ୍ରିଟ୍‌ଫୁଡ୍



ଡା. ଆଶିଷ ବାନାର୍ଜୀ

**ବର୍ଷାଦିନିଆ ଥଣ୍ଡା ପାଗରେ ଗରମ ଗରମ ଚଟପଟି ଖାଦ୍ୟ ଖାଇବାର ମଜା ନିଆରା। ଯେଉଁଥିପାଇଁ ଛୋଟରୁ ବଡ ପ୍ରତିଟି ସହରର ରାସ୍ତା ଉଭୟ ପାର୍ଶ୍ୱରେ ଦେଖିବାକୁ ମିଳେ ଭଳିକି ଭଳି ଷ୍ଟ୍ରିଟ୍‌ଫୁଡ୍‌ର ସମ୍ଭାର। ଆଉ ଯାହାକୁ ଖାଇବାର କ୍ରେଜ୍ ସବୁଠୁ ଅଧିକ ଥାଏ ଯୁବପିଢ଼ିଙ୍କ ଠାରେ। ତେବେ ବର୍ଷାଦିନେ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ...**



ବର୍ତ୍ତମାନ ରାସ୍ତାକଡ଼ରେ ଛୋଟ ଛୋଟ ହୋଟେଲ, ରେଷ୍ଟୁରାଣ୍ଟରେ ବିକ୍ରୟ ହେଉଥିବା ବିଭିନ୍ନ ପ୍ରକାରର ଛଣାଛଣି ଏବଂ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ପ୍ରାୟ ସଭିଙ୍କୁ ଆକୃଷ୍ଟ କରିଥାଏ। ବିଶେଷ କରି ଯୁବପିଢ଼ି ଏଭଳି ଖାଦ୍ୟ ଅଧିକ ଖାଉଥିବା ଦେଖିବାକୁ ମିଳିଥାଏ। ଏହା ହେଉଛି ଏଥିରେ ମିଶୁଥିବା କୃତ୍ରିମ ରଙ୍ଗ, ସୁସ୍ୱାଦୁ ବାସନାର କମାଲ। ହେଲେ ଏଭଳି ଖାଦ୍ୟରେ ମିଶୁଥିବା ବିଭିନ୍ନ ଉପାଦାନ ଅପରପକ୍ଷେ ଝାଡ଼ା, ବାନ୍ତି, ଅମ୍ଳ, ଗ୍ୟାସ୍ଟ୍ରିକ୍, ପେଟବ୍ୟଥା, ପେଟରେ ବାୟୁ ଭର୍ତ୍ତିହୋଇ ଯନ୍ତ୍ରଣା ହେବା, ଅଜୀର୍ଣ୍ଣ, ଶ୍ୱାସ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତା, କୋଲେଷ୍ଟରଲ ବୃଦ୍ଧି ଓ ଫୁଡ୍‌ପଏଜନ୍ ଏପରି କି କର୍କଟ ରୋଗ ସୃଷ୍ଟି କରିବାର ଆଶଙ୍କା ବଢ଼ାଇଥାଏ...

**ସ୍ୱାସ୍ଥ୍ୟ ପ୍ରତି ହାନିକାରକ ଫାଷ୍ଟଫୁଡ୍**

ବର୍ତ୍ତମାନର ଯୁବପିଢ଼ିଙ୍କୁ ଘରେ ମାଆ, ମାଉସୀ, ଭଉଣୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରକାର ସୁସ୍ୱାଦୁ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଆଖିକୁ ସୁନ୍ଦର ଦିଶୁଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ପସନ୍ଦ ଆସୁଛି। ହେଲେ ଏଭଳି ଖାଦ୍ୟ ପ୍ରସ୍ତୁତ କରିବା ଲାଗି ମିଶାଯାଉଥିବା ତେଲ, ମସଲା, ରଙ୍ଗ ଆଦି ବିଭିନ୍ନ ରୋଗର କାରଣ ସାଜିପାରେ। ବିଶେଷ କରି ବର୍ଷାଦିନେ ସୁରକ୍ଷା ଦୃଷ୍ଟିରୁ ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

ଅଧିକାଂଶ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍ ନାଳକଡ଼ ବା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ହୋଇଥାଏ। ଏହାକୁ ପ୍ରସ୍ତୁତକାରୀ କେତେ ପରିଷ୍କାର ପରିଚ୍ଛନ ଭାବେ ଏହାକୁ ପ୍ରସ୍ତୁତ କରିଥାନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ। ଖାଦ୍ୟରେ ମାଛି ବସିବା ଓ ପୋକ ହେବା ମଧ୍ୟ ଦେଖାଯାଏ। ଏଥିରେ ବ୍ୟବହୃତ ହେଉଥିବା ତେଲ ମଧ ଶସ୍ତା, ନିମ୍ନମାନର; ଯାହାକି ରକ୍ତରେ ଏଲ୍.ଡି.ଏଲ୍. ମାତ୍ରାକୁ ବଢ଼ାଏ। ଏହାକୁ ବାରମ୍ବାର ଗରମ କଲେ ତେଲର ଫ୍ରି ରେଡ଼ିକାଲ୍ସ ତତ୍ତ୍ୱ ନଷ୍ଟ ହୋଇ ବିଷାକ୍ତ ହୋଇଯାଏ, ଯାହାକୁ ପୋଡ଼ାତେଲ କୁହାଯାଏ। ଏହା ପେଟରୋଗର ମୁଖ୍ୟ କାରଣ। ବଜାରରେ ମିଳୁଥିବା ଆର୍ଟିଫିସିଆଲ୍ ଫୁଡ୍ କଲର, କମ୍ ଦାମିକା ଶଶ, ମସଲା ଆଦିରେ ଲିଡ୍, ମର୍କୁରୀ, ପୋଟାସିୟମ କ୍ରୋମେଟ୍, ପ୍ରପିଲିନ୍ ଗ୍ଲାଇକୋଲ, କ୍ୟାଲସିୟମ ସଲ୍‌ଫେଟ୍, ଫସଫେଟ୍ ଏଡେସିଭ୍, ଏହା ବ୍ୟତୀତ ବଜାରରେ ବିକ୍ରୟ ହେଉଥିବା ପ୍ୟାକେଟ୍ ମସଲାଗୁଡ଼ିକ ଘରୋଇ ମସଲା ଅପେକ୍ଷା ଅଧିକ ରଙ୍ଗ ଏବଂ ସ୍ୱାଦଯୁକ୍ତ ହୋଇଥାଏ। ଏଥିରେ ରଙ୍ଗ ଏବଂ ସୁଗନ୍ଧ ଦ୍ରବ୍ୟ ମିଶ୍ରଣ ହୋଇଥାଏ। ଯାହାକି ଅନ୍ତ ଆମାଶୟ ଓ ଯକୃତକୁ କ୍ଷତି ପହଞ୍ଚାଇଥାଏ। ଖାଦ୍ୟକୁ ସ୍ୱାଦୁ କରିବା ପାଇଁ ଚାଇନା ଲୁଣ ବ୍ୟବହୃତ ହୁଏ। ଗୁପ୍‌ଚୁପ୍ ପାଣିକୁ କୃତ୍ରିମ ଉପାୟରେ ଖଟା କରିବା ପାଇଁ ଏକ କେମିକାଲ ଗୁଣ୍ଡ ବ୍ୟବହାର କରାଯାଏ। ଏହାର ସ୍ୱାଦ ବଢ଼ାଇବା ପାଇଁ ଜଲ୍‌ଜୀରା ଗୁଣ୍ଡ ଦିଆଯାଏ। ଏହା ରକ୍ତକୁ ବହଳିଆ କରେ। ତଜ୍ଜନିତ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଆଶଙ୍କା ବଢ଼ିଯାଏ।







ଫାଷ୍ଟଫୁଡ୍, ବର୍ଗର, ପିଜା ଓ ଚିଲି ପାଇଁ ବ୍ୟବହୃତ ମଇଦାରେ ଫାଇବର ନ ଥିବାରୁ ଏହା କୋଷ୍ଠବଦ୍ଧତା, ଅର୍ଶ, ଭଗନ୍ଦର, ମଧୁମେହ, ମେଦବହୁଳତା ସୃଷ୍ଟି କରେ ଓ ଦାନ୍ତ ଏନାମେଲ୍‌କୁ ନଷ୍ଟ କରେ।

ବର୍ଷାଦିନେ ବିଭିନ୍ନ ପୋକଜୋକ, ଶଁବାଲୁଆ, କେରେଣ୍ଡି, ବେଙ୍ଗ ଅଜଣାରେ ଅପରିଷ୍କାର ସ୍ଥାନରେ ରନ୍ଧାଯାଇଥିବା ଖାଦ୍ୟରେ ପଡିଯିବା ଏବଂ ପଚିଯିବାର ଭୟ ରହିଅଛି। ଏହା ସେବନ ଦ୍ୱାରା ଫୁଡ୍ ପଏଜନ୍ ହୋଇ ଝାଡ଼ାବାନ୍ତି ହୋଇପାରେ।

ଅନେକ ଦୋକାନରେ ବିକ୍ରି ହୋଇ ପାରିନଥିବା ବାସି ଖାଦ୍ୟକୁ ପରଦିନ ଅଧିକ ତେଲ ମସଲା ଦେଇ କଷି ଗରମ କରି ଏବଂ ଏହାର ବାସିଖଟା ସ୍ୱାଦକୁ ଲୁଚାଇବା ପାଇଁ ଦହି, ଖଟାପାଣି ବା ଚିନିର ବ୍ୟବହାର କରିଥା'ନ୍ତି। ଏହା ପେଟରୋଗ, ଅମ୍ଳ, ବାନ୍ତି, ପେଟ ମୋଡ଼ି ଯନ୍ତ୍ରଣା ହେବା, ଝାଡ଼ା ଇତ୍ୟାଦି ହେବାର ଦେଖାଯାଏ।

ଖାଦ୍ୟକୁ ପରଷା ଯାଉଥିବା ପ୍ଲାଷ୍ଟିକ୍ ଜିନିଷଗୁଡ଼ିକ ଏହାର ଗରମ ପ୍ରଭାବରେ ତରଳି ଅଣୁଗୁଡ଼ିକ ଖାଦ୍ୟରେ ମିଶି ପେଟକୁ ଯାଇ ମାରାତ୍ମକ ରୋଗ ସୃଷ୍ଟି କରେ। ଅନ୍ୟାନ୍ୟ ଷ୍ଟିଲ୍‌ଥାଳି, ଚାମଚ ଆଦି ଭଲ ଭାବେ ନ ଧୋଇ ଅଇଁଠା ପାଣିରେ ଧୋଇ ଶୁଖିଲା ଲୁଗାରେ ପୋଛି ବ୍ୟବହାର କରିବା ଦେଖାଯାଏ। ଯଦ୍ୱାରା ସଂକ୍ରାମକ ରୋଗ ବ୍ୟାପେ।

ଦୋକାନୀ ମୁଣ୍ଡକୁ ନ ଘୋଡ଼ାଇବା ଦ୍ୱାରା କେଶ ଝଡ଼ି ଖାଦ୍ୟରେ ପଡ଼ିପାରେ। ମୁହଁରେ ମାସ୍କ ଓ ହାତରେ ଗ୍ଲୋଭ୍ସ ବ୍ୟବହାର ନ କରିବା କାରଣରୁ ମଧ୍ୟ ବିଭିନ୍ନ ରୋଗ ବ୍ୟାପିବାର ଭୟ ରହିଛି। ଏଣୁ ଗ୍ରାହକ ଏଥିପ୍ରତି ସଚେତନ ହେବା ଜରୁରୀ। ଯଥାସମ୍ଭବ ସ୍ୱାସ୍ଥ୍ୟପକ୍ଷେ ହିତକର ବା ହାଇଜେନିକ ଫୁଡ୍‌କୁ ଗ୍ରହଣ କରିବା ଦରକାର।

*– ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

## କ'ଣ କୁହନ୍ତି ଏମାନେ...



**ଅମିତ କୁମାର ମାଝି, ଗବଗାଁ**

ଚଟ୍‌ପଟି ଖାଦ୍ୟ ଖାଇବାକୁ ମୋତେ ବହୁତ ଭଲଲାଗେ। ତରତରରେ ରୋଷେଇ ନ କରିପାରିଲେ ଫାଷ୍ଟଫୁଡ୍ ଖାଇ ରହିଯାଏ। ହେଲେ ବର୍ଷାଦିନେ ଏହିସବୁ ଖାଇବା ଦେହ ପାଇଁ ବେଳେବେଳେ କ୍ଷତିକାରକ ସାଜିଥାଏ। ଥରେ ଗୁପ୍‌ଚୁପ୍ ଖାଇ ମୋର ଫୁଡ୍ ପଏଜନ୍ ହୋଇଗଲା। ମେଡିସିନ ଖାଇବା ପରେ ଭଲ ହେଲା। ବର୍ଷାଦିନ ଯୋଗୁ ସେମାନେ ବାସି ଆଳୁ ରଖି ଗୁପ୍‌ଚୁପ୍ ବିକ୍ରି କରନ୍ତି। ତାହାକୁ ଆମେ ଅଜାଣତରେ ଖାଇ ବିଭିନ୍ନ ପ୍ରକାର ରୋଗକୁ ଡାକିଆଣୁ। ସେଥିପାଇଁ ଏବେ ମୁଁ ବର୍ଷାଦିନେ ଫାଷ୍ଟଫୁଡ୍ ଖାଦ୍ୟଠାରୁ ଦୂରେଇ ରହୁଛି।



**ବିରେଶ ସେନାପତି, ବାଲେଶ୍ୱର**

ଫାଷ୍ଟଫୁଡ୍ ଖାଦ୍ୟ ଯେତିକି ଭଲ, ସେତିକି ଖରାପ। ଯେତେସମ୍ଭବ ବର୍ଷାଦିନେ ଏହାଠାରୁ ଦୂରେଇ ରହେ। ଚାରିଆଡ଼ ବର୍ଷା ପାଣି ଜମି ରହିବା ଯୋଗୁ ଜୀବାଣୁମାନଙ୍କର ବଂଶବୃଦ୍ଧି ହୋଇଥାଏ। ଏହି ଛୋଟ ଛୋଟ ଫାଷ୍ଟଫୁଡ୍ ଦୋକାନୀମାନେ ସେସବୁକୁ ଭ୍ରୂକ୍ଷେପ ନ କରି ସେହିଠାରେ ହିଁ ବିଭିନ୍ନ ପ୍ରକାର ଖାଦ୍ୟ ଖୋଲାରେ ରାନ୍ଧିଥା'ନ୍ତି। ସମସ୍ତଙ୍କୁ ବର୍ଷାପାଗ ଯୋଗୁ ଏହିସବୁ ଗରମ ଗରମ ଖାଦ୍ୟ ଖାଇବାକୁ ଭଲ ଲାଗେ। କିନ୍ତୁ ଅପରପକ୍ଷରେ ଆମେ ନିଜକୁ ଖୁସି କରିବାକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ଡାକିଆଣୁ। ସେଥିପାଇଁ ବର୍ଷା ବେଳେ ଚଟ୍‌ପଟି ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ନିଜେ ରାନ୍ଧି ଏହାକୁ ଖାଇବାର ମଜା ନିଏ।






# ଏମିତି କିଣନ୍ତୁ ଛତା...

**ବର୍ଷାଦିନେ ପାଣିରୁ ସୁରକ୍ଷା ପାଇବା ଲାଗି ଛତା ସଭିଙ୍କୁ ଲୋଡ଼ା। ତେବେ ଅନେକେ ଛତା କିଣିବା ବେଳେ ଏହାର କଲର ଏବଂ ଆକର୍ଷଣୀୟ ଡିଜାଇନ୍‌କୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଫଳରେ ବର୍ଷା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତେଣୁ ଛତା କିଣିବା ବେଳେ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ସେ ସମ୍ପର୍କରେ କେତୋଟି ଟିପ୍ସ...**



➤ଛତା କିଣିବାର ମୂଳ ଲକ୍ଷ୍ୟ ହେଉଛି ବର୍ଷା ପାଣିରୁ ରକ୍ଷାପାଇବା। ତେଣୁ ଛତାଟି କିପରି ଆପଣଙ୍କୁ ସମ୍ପୂର୍ଣ୍ଣ ଘୋଡ଼ାଇ ହେଉଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଏହା ବ୍ୟତୀତ ଏହାର କପଡ଼ା ଯେପରି ଭଲ କ୍ୱାଲିଟିର ଏବଂ ୱାଟରପ୍ରୁଫ୍ ହୋଇଥିବ ତାହା ଦେଖନ୍ତୁ। ନଚେତ୍ ଛତା ଭିଜିଯାଇ ପାଣି ପଡ଼ିବା ଦ୍ୱାରା ଆପଣଙ୍କୁ ଓଦା ହେବାକୁ ପଡ଼ିପାରେ।

➤ଛତା ଅଧିକ ଓଜନିଆ ହୋଇଥିଲେ ମଜଭୁତ ରହିବ ବୋଲି ଏଭଳି ଅନେକଙ୍କ ମନରେ ଧାରଣା ଥାଏ। ହେଲେ ଏଭଳି ଛତା ଅଧିକ ସମୟ ଧରିବା ଦ୍ୱାରା ହାତରେ କଷ୍ଟ ହୋଇଥାଏ। ତେଣୁ ଭଲ କ୍ୱାଲିଟିର ଲାଇଟ୍ ୱେଟ୍ ଛତା ବାଛନ୍ତୁ।

➤ସୁନ୍ଦର ଦେଖାଯାଉଥିବା ଛତା ସଭିଙ୍କୁ ପସନ୍ଦ। ହେଲେ ଏହାକୁ କିଣିବା ବେଳେ କପଡ଼ାର ସିଲେଇ ସ୍ଥାନଗୁଡ଼ିକରେ ଯେପରି ପାଣି ଭିତରକୁ ଆସୁଥିବା ଭଳି ଛୋଟ ଛୋଟ କଣା ନ ଥାଏ ପରଖି ନିଅନ୍ତୁ।

➤କେବଳ ଏତିକି ନୁହେଁ, ଛତାର ବେଣ୍ଟ ବା ହ୍ୟାଣ୍ଡେଲ୍ ମଧ୍ୟ ଅନେକଙ୍କ ପାଇଁ ଅନ୍ୟତମ ଆକର୍ଷଣ। ଏହାକୁ ଆଖି ଆଗରେ ରଖି କମ୍ପାନୀଗୁଡ଼ିକ ଭଳିକି ଭଳି ଡିଜାଇନ୍‌ର ହ୍ୟାଣ୍ଡେଲ୍ ଥିବା ଛତା ପ୍ରସ୍ତୁତ କରୁଛନ୍ତି। ତେବେ ଏହାକୁ ଦେଖି ଛତା ବାଛିବା ବଦଳରେ ତାହା ଧରିବା ଲାଗି କମ୍ଫର୍ଟେବଲ୍ କି ନୁହେଁ ଦେଖନ୍ତୁ। ନଚେତ୍ ଅଧିକ ସମୟ ଏହାକୁ ବ୍ୟବହାର କଲେ ହାତ ପାପୁଲି ଏବଂ ଆଙ୍ଗୁଠି ଦରଜ ହେବା, ବିନ୍ଧିବା ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➤ବର୍ତ୍ତମାନ ହାଲୁକା ଲାଗିବା ଲାଗି ପ୍ଲାଷ୍ଟିକ୍ କାଠି ଥିବା ଛତା ମାର୍କେଟ୍‌କୁ ଆସିଲାଣି। ତେବେ ଏହା କେତେ ମଜଭୁତ ଭଲ ଭାବେ ଦେଖିନିଅନ୍ତୁ। ନଚେତ୍ କେବେକେବେ ପବନରେ ଛତାର କାଠିଗୁଡ଼ିକ ଓଲଟି ପଡୁଥିବାରୁ ଏଭଳି ଛତା ଶୀଘ୍ର ଭାଙ୍ଗିଯିବାର ଆଶଙ୍କା ରହିଛି। ତେଣୁ ଯଥାସମ୍ଭବ ମଜଭୁତ ତଥା ଷ୍ଟିଲ୍ କାଠିଥିବା ଛତା ବାଛନ୍ତୁ।

➤ବ୍ୟାଗ୍‌ରେ କ୍ୟାରି କରିବା ସହଜ ହେଉଥିବାରୁ ୨–୩ ଫୋଲ୍ଡ ଛତା ଅନେକେ ପସନ୍ଦ କରନ୍ତି। ତା'ଛଡ଼ା ଏହା ଦେଖିବାକୁ ମଧ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ହେଲେ ଏସବୁ ଶୀଘ୍ର ଭାଙ୍ଗିବାର ଆଶଙ୍କା ବେଶୀ। ତେଣୁ ଏଭଳି ଛତା କିଣିବା ବେଳେ ଏହାକୁ ଖୋଲି ଭଲ ଭାବେ ଏହାର କପଡ଼ା, ଷ୍ଟିକ୍ ଆଦି ଚେକ୍ କରିନିଅନ୍ତୁ।

➤ ସେହିପରି ସ୍ପ୍ରିଙ୍ଗ୍ ବଟନ୍ ଛତା ମଧ୍ୟ ଶୀଘ୍ର ଖରାପ ହୋଇଯାଉଥିବା ଦେଖିବାକୁ ମିଳିଥାଏ। ଏହା ବଦଳରେ ମ୍ୟାନୁଆଲ୍ ବା ହାତରେ ଖୋଲୁଥିବା ଛତା କିଣିବା ଭଲ।



## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ରିଫ୍ୟୁଜି ଡେ' ......... ମସିହାରୁ ଆରମ୍ଭ ହୋଇଛି ?
୨– ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୨ର ଥିମ୍ .......... ?
୩– .... ଦେଶରେ ଭାସମାନ ସହର 'ଓସିଆନିକ୍ସ ସିଟି' ଆରମ୍ଭ ହେବାକୁ ଯାଉଛି ?
୪– ପ୍ଲୁଟୋର ଉପଗ୍ରହର ନାମ ......... ?
୫– ଆମ ଦେଶର ............ ରାଜ୍ୟରେ ସର୍ବାଧିକ ମିଠା ଆଳୁ ଉତ୍ପାଦନ ହୋଇଥାଏ ?

## ଗତ ଥରର ଉତ୍ତର

୧ ୨୦୨୨
୨ ପର୍ଯ୍ୟଟନ ମନ୍ତ୍ରଣାଳୟ
୩ ୨୦୨୦
୪ ଦିଙ୍କର୍ ଗୁପ୍ତା
୫ ସୁଭଦ୍ରାଙ୍ଗୀ

## ଉତ୍ତରଦାତା

➤ହରିହର ଗୋଛିକାର, ପୁରୀ ➤ରାମଚନ୍ଦ୍ର ମହାଳିକ, ଆଳି, କେନ୍ଦ୍ରାପଡା
➤ରାଜେନ୍ଦ୍ର ନାୟକ, ଜଗତ୍‌ସିଂହପୁର ➤ବୀରଭଦ୍ର ବାରିକ, କେନ୍ଦୁଝର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବକନିଷ୍ଠ ପିଏଚ୍.ଡି. ଡିଗ୍ରୀଧାରୀ



୧– କାର୍ଲ ୱିଟ୍........................ ୧୩ ବର୍ଷ
୨– କିମ୍ ଉଙ୍ଗ୍ ୟୋଙ୍ଗ୍........................ ୧୫ ବର୍ଷ
୩– ବାଲାମୁରଲୀ ଅମ୍ବାଟି........................ ୧୭ ବର୍ଷ
୪– ରୁଥ୍ ଲରେନ୍ସ........................ ୧୭ ବର୍ଷ
୫– ନର୍‌ବର୍ଟ ୱିନର୍........................ ୧୭ ବର୍ଷ
୬– ଶୋ ୟାନୋ........................ ୧୮ ବର୍ଷ
୭– ଜୁଲିଏଟ୍ ବେନି........................ ୧୯ ବର୍ଷ
୮– ଚାର୍ଲ୍ସ ହୋମର ହସ୍କିନ୍ସ........................ ୧୯ ବର୍ଷ
୯– ଏରିକ୍ ଡେମେନ୍........................ ୨୦ ବର୍ଷ
୧୦– ଅକ୍ଷୟ ଭେଙ୍କଟେଶ୍........................ ୨୦ ବର୍ଷ

**ୟୁଥ୍ ଫ୍ୟାଶନ**

# କିମୋନୋ ଜ୍ୟାକେଟ୍

**ପୁଅ ହେଉ କି ଝିଅ ଟପ୍, ଶାର୍ଟ କିମ୍ବା ଟିଜ୍‌ରେ ଜ୍ୟାକେଟ୍ କ୍ୟାରି କରିବାକୁ ପସନ୍ଦ କରନ୍ତି। ଡେ ଟୁ ଡେ ଲାଇଫ୍‌ରେ ପାର୍ଟିରେ ହେଉ ଅବା ଟ୍ରାଭେଲ୍ କରିବାବେଳେ ସେମାନଙ୍କୁ ଷ୍ଟାଇଲିଶ୍ ଜ୍ୟାକେଟ୍ ଲୋଡ଼ା ହୋଇଥାଏ। ତେବେ ୟୁନିକ୍ ଲୁକ୍ ପାଇବା ପାଇଁ ବର୍ତ୍ତମାନ ଜାପାନିଜ୍ ଜ୍ୟାକେଟ୍ ଭଳି ଦିଶୁଥିବା କିମୋନୋ ଜ୍ୟାକେଟ୍ ପାଲଟିଛି ଯୁବପିଢ଼ିଙ୍କ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**



**ଲିନେନ୍ କିମୋନୋ**

ଏହି କିମୋନୋ ସ୍ୱତନ୍ତ୍ର ଭାବରେ ପୁଅମାନଙ୍କ ପାଇଁ ହୋଇଥାଏ। ଜାପାନିଜ୍ ଷ୍ଟାଇଲ୍‌ରେ ତିଆରି ହୋଇଥିବା ଏହି ଜ୍ୟାକେଟ୍‌କୁ ଆପଣ ଆଉଟିଂରେ ଯାଉଥିଲେ ବ୍ୟବହାର କରିପାରିବେ। ଏହାର ବିଶେଷ କରି ବ୍ଲାକ୍ କଲର୍‌ର ଜ୍ୟାକେଟ୍ ଆପଣଙ୍କୁ କ୍ଲାସି ଏବଂ କୁଲ୍ ଲୁକ୍ ଦେବ। ଏହା ସହ ସ୍ନିକର୍ ପିନ୍ଧିଲେ ପରଫେକ୍ଟ ଲୁକ୍ ପାଇପାରିବେ।

**କିମୋନୋରେ ଆସେସରିଜ୍**

କିମୋନୋ ଜ୍ୟାକେଟ୍ ସହ ବିଭିନ୍ନ ପ୍ରକାର ସିମ୍ପଲ ଇଅରିଙ୍ଗସ୍, ନେକଲେସ୍ ଓ ରିଙ୍ଗ୍ ଟିମ୍‌ଅପ୍ କରିପାରିବେ। ଆସେସରିଜ୍‌ଗୁଡ଼ିକ ଯେତେ ସିମ୍ପଲ୍ ରହିବ, ସେଥିରେ ଆପଣ ଏଲିଗାଣ୍ଟ ଓ ୟୁନିକ୍ ଲୁକ୍ ପାଇପାରିବେ। କିମୋନୋ ଜ୍ୟାକେଟ୍ ପିନ୍ଧିଥିଲେ ଡିଫରେଣ୍ଟ ଡିଫରେଣ୍ଟ ଡିଜାଇନ୍‌ର ବନ୍ ହେୟାର ଷ୍ଟାଇଲ୍ ଆପଣ ଫ୍ୟାଶନେବଲ୍ ଲାଗିବେ। ଏଥିସହ ଛୋଟ କ୍ଲଚ୍ ବ୍ୟାଗ୍ କ୍ୟାରି କରନ୍ତୁ ଟ୍ରେଣ୍ଡି ଲାଗିବେ।



**ଆନିମଲ୍ ପ୍ରିଣ୍ଟ କିମୋନୋ**

ଆନିମଲ୍ ପ୍ରିଣ୍ଟ ପିନ୍ଧିବାକୁ ଭଲପାଉଥିବା ଯୁବପିଢ଼ିଙ୍କୁ ଏହି ଜ୍ୟାକେଟ୍ ପସନ୍ଦ ଆସିବ। ଏହି ଜ୍ୟାକେଟ୍‌କୁ ଆପଣ ସିମ୍ପଲ୍ ଟପ୍ କିମ୍ବା ଜର୍କସ ସହ ଟିମ୍ ଅପ୍ କରି ପିନ୍ଧିପାରିବେ। ଏଥିସହ ଆନିମଲ୍ ପ୍ରିଣ୍ଟେଡ୍ ଶୁଜ୍ ପିନ୍ଧି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ୧୭ ଜୁଲାଇ, ୨୦୨୨ Berhampur, Sunday, July 17/2022

# ରିଦ୍ଧିମା, ଅପେକ୍ଷା, ସୁହାସଙ୍କ ନୂଆ ମିଟ୍ ରେକର୍ଡ



୪୮ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ ଅଭିଭାଷଣ ରଖୁଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା।



ବିଭିନ୍ନ ରାଜ୍ୟର ପ୍ରତିଯୋଗୀଗଣ।

**ଭୁବନେଶ୍ୱର, ୧୬ା୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୪୮ ତମ ଜାତୀୟ ଜୁନିୟର ଆକ୍ୱାଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୫ ଦିନ ଧରି ଚାଲିବ। ପ୍ରଥମ ଦିବସରେ କର୍ନାଟକର ରିଦ୍ଧିମା ବୀରେନ୍ଦ୍ର କୁମାର ନୂତନ ମିଟ୍‌ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦୦ ମିଟର ବ୍ୟାକଷ୍ଟ୍ରୋକ୍‌ରେ ଅଲିମ୍ପିଆନ୍ ମାନା ପଟେଲଙ୍କ ରେକର୍ଡ ଭାଙ୍ଗିଛନ୍ତି ରିଦ୍ଧିମା। ବେଙ୍ଗାଲୁରୁର ଏହି ସନ୍ତରଣକାରୀ ପଟେଲଙ୍କ ୨୦୧୫ର ରେକର୍ଡ ୧.୦୫.୦୦କୁ ଭାଙ୍ଗିବା ସହିତ ୧.୦୪.୯୬ର ଟାଇମିଂ ହାସଲ କରିଥିଲେ। ସଞ୍ଜନା ପ୍ରଭୁଗାଓଁକର (୧.୦୭.୦୯) ଏବଂ ନିନା ଭେଙ୍କଟେଶ(୧.୦୭.୩୨) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

୧୦୦ ମିଟର ବ୍ୟାକଷ୍ଟ୍ରୋକ୍ ବାଳକ ବିଭାଗରେ ତେଲେଙ୍ଗାନାର ସୁହାସ ପ୍ରୀତା ଏମ୍ ମିଟ୍ ରେକର୍ଡ କରିଛନ୍ତି। ସୁହାସ ୧.୦୧.୨୯ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ବର୍ଗରେ

## ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍

କର୍ନାଟକର ଇଶାନ ମେହେରା(୧.୦୧.୭୧) ସହିତ ରୌପ୍ୟ ପଦକ ଏବଂ ହରିୟାଣାର କ୍ରିଶ୍ ଜୈନ୍(୧.୦୨.୩୮)ର ଟାଇମିଂ ସହିତ ବ୍ରୋଞ୍ଜ ପଦକ ଜିତିଥିଲେ।

୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ବାଳିକା ବର୍ଗରେ ମହାରାଷ୍ଟ୍ରର ଅପେକ୍ଷା ଫର୍ନାଣ୍ଡିଜ ୧.୧୨.୮୩ ସେକେଣ୍ଡର ଟାଇମିଂ ସହିତ ମିଟ୍ ରେକର୍ଡ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କର୍ନାଟକର ସାନଭି ରାଓ (୧.୧୬.୮୧) ଏବଂ ଏସ୍ ଲକ୍ଷ୍ୟ(୧.୧୭.୫୮)ର ଟାଇମିଂ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନୀ ଅବସରରେ ତାଙ୍କ ଅଭିଭାଷଣରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଆଜି ଆମ ସମସ୍ତଙ୍କ ପାଇଁ ଏକ ଖୁସିର ମୁହୂର୍ତ୍ତ। ସାରା ଦେଶରୁ ପ୍ରତିଯୋଗୀଙ୍କୁ ପାଖରେ ପାଇ ସମଗ୍ର ଓଡ଼ିଶା ବେଶ ଗର୍ବିତ। ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ବେଶ ଆଗକୁ ଯାଇପାରିଛି। ଏସିଆନ ଆଥଲେଟିକ ମିଟ୍‌ଠାରୁ ଆରମ୍ଭ କରି ପୁରୁଷ ହକି ବିଶ୍ୱକପ, ଜୁନିୟର ହକି ୱାର୍ଲ୍ଡକପ, ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍, ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ, ନ୍ୟାଶନାଲ ପାରା ଆଥଲେଟିକ୍ସ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ମହୋତ୍ସବର ସଫଳ ଆୟୋଜନ କରିବାରେ ଓଡ଼ିଶା ସମର୍ଥ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଏହା କେବଳ ସମ୍ଭବ ହୋଇପାରିଛି। କ୍ରୀଡ଼ାମନ୍ତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଖେଳାଳୀମାନଙ୍କର ଶୁଭକାମନା କରିବା ସହ ଏଠାରୁ ଏକ ସୁଖଦ ଅନୁଭୂତି ନେଇ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା ପ୍ରକାଶ କରି କହିଥିଲେ।

# ସିଙ୍ଗାପୁର ଓପନ ଫାଇନାଲରେ ସିନ୍ଧୁ

**ସିଙ୍ଗାପୁର, ୧୬ା୭(ପି.ଟି.)**

ଭାରତର ଷ୍ଟାର ଖେଳାଳି ପି.ଭି. ସିନ୍ଧୁ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଜାପାନିଜ ଖେଳାଳି ସିଏନା କାୱାକାମିଙ୍କୁ ହରାଇ ଦେଇଛନ୍ତି। ଚଳିତବର୍ଷ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନରେ ଦୁଇଟି ସୁପର ୩୦୦ ଟାଇଟଲ ହାସଲ କରିଥିବା ଡବଲ ଅଲିମ୍ପିକ ପଦକ ବିଜୟିନୀ ସିନ୍ଧୁ ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ କାୱାକାମିଙ୍କ ବିପକ୍ଷ ମ୍ୟାଚ ୨୧-୧୫, ୨୧-୭ରେ ସହଜରେ ଜିତି ନେଇଛନ୍ତି। ଏହି ମ୍ୟାଚ ମାତ୍ର ୩୨ ମିନିଟ୍‌ରେ ଶେଷ ହୋଇଥିଲା। ହାଇଦ୍ରାବାଦର ଉକ୍ତ ୨୭ ବର୍ଷୀୟା ଖେଳାଳି ଏହି ବର୍ଷ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବର୍ତ୍ତମାନ ସେ ୨୦୨୨ ସିଜନରେ ପ୍ରଥମ ସୁପର ୫୦୦ ଟାଇଟଲଠାରୁ ଆଉ ମାତ୍ର ଗୋଟିଏ ପାଦ ପଛରେ ଅଛନ୍ତି। ତୃତୀୟ ସିଡ୍ ଭାରତୀୟ ଫାଇନାଲରେ ଚାଇନାର ୨୨ ବର୍ଷୀୟା ୱାଙ୍ଗ୍ ଝି ୟିଙ୍କୁ ଭେଟିବେ, ଯିଏକି ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ। ଏହି ଚାଇନିଜ ଖେଳାଳି ବ୍ୟାଙ୍କକ୍‌ଠାରେ ରୌପ୍ୟ ଜିତିଥିବା ଉବର କପ୍ ଦଳର ଅନ୍ୟତମ ସଦସ୍ୟା ଥିଲେ। ୱାଙ୍ଗ୍ ଜାପାନର ଓହୋରି ଆୟାଙ୍କୁ ୨୧-୧୪, ୨୧-୧୪ରେ ହରାଇ ଦେଇଛନ୍ତି। ସିନ୍ଧୁ ତାଙ୍କ କ୍ୟାରିୟରରେ ବିଶ୍ୱର ୧୧ ନମ୍ବର ମାନ୍ୟତାପ୍ରାପ୍ତ ୱାଙ୍ଗଙ୍କ ସହ ଥରେ ଚଳିତବର୍ଷ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମୁକାବିଲା କରିଥିଲେ। ଏହି ମ୍ୟାଚରେ ସେ ବିଜୟ ଲାଭ କରିଥିଲେ। ଦୁଇଥର ବିଶ୍ୱ ଜୁନିୟର ଚାମ୍ପିୟନ ଏବଂ ୟୁଥ୍ ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ୱାଙ୍ଗ୍ ଜୁନ୍‌ରେ ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ଫାଇନାଲରେ ପ୍ରବେଶ କରିଥିଲେ।



ପି.ଭି. ସିନ୍ଧୁ

# ତୋମାର ଜିତିଲେ ସ୍ୱର୍ଣ୍ଣ ପଦକ


ଐଶ୍ୱରୀ ପ୍ରତାପ ସିଂ ତୋମାର

**ଚାଙ୍ଗଓନ୍, ୧୬ା୭ (ପି.ଟି.)**

**ଶୁଟିଂ ବିଶ୍ୱକପ୍**

ଭାରତର ଐଶ୍ୱରୀ ପ୍ରତାପ ସିଂ ତୋମାର ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ୨୧ ବର୍ଷୀୟ ଭାରତୀୟ ଚମତ୍କାର ପ୍ରଦର୍ଶନ ସହ ୨୦୧୮ ୟୁଥ୍ ଅଲିମ୍ପିକ୍ସ ଚାମ୍ପିୟନ ହଙ୍ଗେରୀର ଜଲାନ ପେକ୍‌ଲାରଙ୍କୁ ୧୬-୧୨ରେ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନର ଜୁନିୟର ବିଶ୍ୱ ଚାମ୍ପିୟନ ତୋମାର ପୂର୍ବରୁ ୫୯୩ ସ୍କୋର ସହ କ୍ୱାଲିଫିକେଶନ ରାଉଣ୍ଡରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତୋମାର ଶୁଟିଂ ବିଶ୍ୱକପ୍‌ରେ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିପାରିଛନ୍ତି। ପୂର୍ବରୁ ସେ ଗତବର୍ଷ ନୂଆଦିଲ୍ଲୀରେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଚଳିତ ପ୍ରତିଯୋଗିତାରେ ମଧ୍ୟପ୍ରଦେଶର ଏହି ଶୁଟରଙ୍କ ଉକ୍ତ ସ୍ୱର୍ଣ୍ଣ ଭାରତର ଚତୁର୍ଥ। ଭାରତ ୯ ପଦକ (୪ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ସହ ତାଲିକାର ଶୀର୍ଷରେ ରହିଛି।

# ଆଇସିସି କାର୍ଯ୍ୟସୂଚୀରେ ଆଇପିଏଲ୍‌କୁ ଅଢ଼େଇ ମାସ

**ଦୁବାଇ, ୧୬ା୭(ପି.ଟି)**

ଆଇପିଏଲ୍‌କୁ ମିଳିବାକୁ ଯାଉଛି ଆଇସିସିର କାର୍ଯ୍ୟସୂଚୀରେ ସ୍ଥାନ। ଆସନ୍ତା ୨୦୨୪ ପାଇଁ ଆଇସିସିର କାର୍ଯ୍ୟସୂଚୀ ପ୍ରସ୍ତୁତ ହେବାକୁ ଯାଉଥିବା ବେଳେ ବିଶ୍ୱର ଧନଶାଳୀ ଟି୨୦ ଲିଗ୍‌କୁ ମିଳିବାକୁ ଯାଉଛି ଅଢେଇ ମାସର ସମୟ। ଏହି ଅଢେଇ ମାସର ସମୟରେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳାଯିବ ନାହିଁ। ବିସିସିଆଇ ସମ୍ପାଦକ ଜୟ ଶାହ ଏକ ସାକ୍ଷାତକାର ସମୟରେ ଏହା ସ୍ପଷ୍ଟ କରିଛନ୍ତି। ଆଇସିସି ଏବଂ ବିଶ୍ୱର ଅନ୍ୟ କ୍ରିକେଟ ବୋର୍ଡ ମାନଙ୍କ ସହିତ ଆଲୋଚନା ହୋଇ ସାରିଛି। ଏହା ସହିତ ଆଇସିସିର ୨୦୨୪ ଭବିଷ୍ୟତ କାର୍ଯ୍ୟସୂଚୀରେ ଆଇପିଏଲକୁ ଅଢେଇ ମାସର ଏକ ସମୟ ପ୍ରଦାନ କରାଯିବ ବୋଲି ଶାହ କହିଛନ୍ତି। ମାର୍ଚ୍ଚରୁ ମେ' ଅନ୍ତିମ ସପ୍ତାହ ଯାଏ ଏହି ୱିଣ୍ଡୋ ପ୍ରଦାନ କରାଯିବ ବୋଲି କୁହାଯାଇଛି।

ତେବେ ଏହି ଲିଗ୍‌ରୁ ପାକିସ୍ତାନୀ ଖେଳାଳିଙ୍କୁ ବ୍ୟାନ କରାଯାଇଥିବା କାରଣରୁ ଏହାକୁ ରମିଜ ରାଜା ବିରୋଧ କରିଥିଲେ ହେଁ ଏହା କୌଣସି ପ୍ରଭାବ ପକାଇବାରେ ଅସମର୍ଥ ରହିଥିଲା। ଆଇପିଏଲ୍‌ରେ ବିଦେଶୀ ଖେଳାଳିଙ୍କୁ ବିପୁଳ ପରିମାଣର ଅର୍ଥରାଶି ପ୍ରଦାନ କରାଯାଇଥାଏ। ଏହା ସହିତ ଖେଳାଳିଙ୍କୁ ମିଳୁଥିବା ଅର୍ଥରାଶିର ୧୦ ପ୍ରତିଶତ କ୍ରିକେଟ ବୋର୍ଡକୁ ମିଳିଥାଏ। ତେଣୁ ବିସିସିଆଇର ଏହି ଲିଗ୍‌କୁ ଅନ୍ୟ ସମସ୍ତ କ୍ରିକେଟ ବୋର୍ଡ ସମର୍ଥନ ପ୍ରଦାନ କରିଥିଲେ। ନିଜ ଦେଶର ମିଡିଆ ଓ ବୋର୍ଡକୁ ରମିଜ କିଛି ତ କହିବାକୁ ଚାହିଁବେ, ତେଣୁ ଏମିତି ବିରୋଧ ସ୍ୱାଭାବିକ ବୋଲି ଶାହ କହିଛନ୍ତି। ତେବେ ରମିଜ ମଧ୍ୟ ଜାଣିଛନ୍ତି ଏହା ଏଫ୍‌ଟିପିରେ ସାମିଲ ହେବାକୁ ଯାଉଛି।

ପୂର୍ବରୁ ଆଇପିଏଲ୍‌ରେ ୬୦ ମ୍ୟାଚ୍ ଖେଳାଯାଉଥିବା ବେଳେ ଆଇପିଏଲ୍ ୨୦୨୨ରେ ଟିମ୍ ସଂଖ୍ୟା ୧୦ ଛୁଇଁଥିଲା। ମ୍ୟାଚ୍ ସଂଖ୍ୟା ୭୪ରେ ପହଞ୍ଚିଥିବା ବେଳେ ଏହା ପର୍ଯ୍ୟାୟକ୍ରମେ ୯୪ ଛୁଇଁବ। ତେବେ ଆଇପିଏଲ୍ ଭଳି ଇସିବିର ଦ ହଣ୍ଡ୍ରେଡ୍ ଓ କ୍ରିକେଟ୍ ଅଷ୍ଟ୍ରେଲିଆର ବିଗ୍‌ବାସ୍ ଲିଗ୍‌କୁ କୌଣସି ୱିଣ୍ଡୋ ମିଳିନାହିଁ। ତେବେ ମାର୍କ୍ୟୁ ଖେଳାଳିମାନଙ୍କୁ ଠିକ୍ ସୁଯୋଗ ମିଳିବା ଉଚିତ ବୋଲି ଉଭୟ କ୍ରିକେଟ ବୋର୍ଡ କହିଛନ୍ତି।

# ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ଭାରତର ଶ୍ରୀଶଙ୍କର

**ୟୁଜିନ୍ (ୟୁଏସ୍ଏ), ୧୬ା୭ (ପି.ଟି.)**

ମୁରଲୀ ଶ୍ରୀଶଙ୍କର ପ୍ରଥମ ଭାରତୀୟ ପୁରୁଷ ଲଙ୍ଗ୍ ଜମ୍ପର ହିସାବରେ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଚଳିତ ସିଜନର ଟପ୍ ଲିଷ୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଶ୍ରୀଶଙ୍କର ଚାମ୍ପିୟନଶିପ୍‌ରେ ଏକ ପଦକ ପାଇଁ ଡାର୍କହର୍ସ ଭାବେ ପ୍ରବେଶ କରିଛନ୍ତି। ତାଙ୍କର ଶ୍ରେଷ୍ଠ ଜମ୍ପ ଦ୍ୱିତୀୟ ପ୍ରଚେଷ୍ଟାରେ ୮ ମିଟର ରହିଥିଲା। କ୍ୱାଲିଫିକେଶନ ରାଉଣ୍ଡ ଗ୍ରୁପ୍ ବି'ରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଭରାଲ ୭ମ ସ୍ଥାନରେ ରହିଥିଲେ। ଅଞ୍ଜୁ ବବି ଜର୍ଜ ପ୍ୟାରିସ୍‌ରେ ୨୦୦୩ ସଂସ୍କରଣରେ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ୍ ଜମ୍ପ୍ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଅନ୍ୟ ଦୁଇ ଭାରତୀୟ ଭାଗ ନେଇଥିଲେ। ଜେସ୍ୱିନ ଆଲଡ୍ରିନ୍ ଦୁଇ ରାଉଣ୍ଡ ଟ୍ରାଏଲ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ସୁଯୋଗ ପାଇଥିଲେ। ଅନ୍ୟ ଜଣେ ହେଲେ ମହମ୍ମଦ ଆନିସ ୟାହିୟା। ଉଭୟେ ଗ୍ରୁପ୍ ଏ' କ୍ୱାଲିଫିକେଶନରେ ୭.୭୯ ମିଟର ଓ ୭.୭୩ ମିଟର ସହ ଯଥାକ୍ରମେ ୯ମ ଏବଂ ୧୧ତମ ସ୍ଥାନ ଅଧିକାର କରିଥିଲେ। ଯେଉଁମାନେ ୮.୧୫ ମିଟର ଅଙ୍କ ସ୍ପର୍ଶ କରିଥିବେ ଅବା ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ରହିଥିବେ ସେମାନେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଫାଇନାଲ୍ସ ରବିବାର ହେବ। ୨୩ ବର୍ଷୀୟ ଶ୍ରୀଶଙ୍କର ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି। ଏପ୍ରିଲରେ ଅନୁଷ୍ଠିତ ଫେଡେରେଶନ କପ୍‌ରେ ସେ ୮.୩୬ ମିଟର ଜମ୍ପ କରିପାରିଥିଲେ। ପରେ ଗ୍ରୀସ୍‌ରେ ଏକ ଇଭେଣ୍ଟ ଏବଂ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ୮.୩୧ମିଟର ଓ ୮.୨୩ ମିଟର ଜମ୍ପ କରିପାରିଥିଲେ। ଦୁଇଟି ଗ୍ରୁପ୍‌ର କ୍ୱାଲିଫିକେଶନ ରାଉଣ୍ଡରେ କେବଳ ଜାପାନର ୟୁକି ହାଶିଓକା (୮.୧୮ମିଟର) ଓ ଯୁକ୍ତରାଷ୍ଟ୍ର ଆମେରିକାର ମାର୍କୁଇସ୍ ଡେଣ୍ଡି (୮.୧୬ ମିଟର) ୮.୧୫ ମିଟର ଅଙ୍କ ଅତିକ୍ରମ କରିଥିଲେ।



ମୁରଲୀ ଶ୍ରୀଶଙ୍କର

# ମକୁନ୍ଦ ବରାଳ କ୍ରୀଡ଼ା ପ୍ରତିଭା ସମ୍ମାନ ଉତ୍ସବ ୨୩ରେ

**ଭୁବନେଶ୍ୱର, ୧୬ା୭(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ମାସ ୨୩ ତାରିଖରେ ଜୟଦେବ ଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସପ୍ତମ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ପ୍ରତିଭା ଓ କ୍ରୀଡ଼ାଗୁରୁ ସମ୍ମାନ ପ୍ରଦାନ କରାଯିବ। ଉତ୍ସବକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ସଭ୍ୟ କୈବଲ୍ୟ ବରାଳ, ଡ.ଶ୍ରୀନିବାସ ଘଟୁଆରି ଓ ପ୍ରିୟରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏଥିରେ ମହମ୍ମଦ ଆଜମ, ତାପସ କୁମାର ମହାନ୍ତି, ପ୍ରଦୀପ କୁମାର ରାଉତରାୟ, ନାରାୟଣ ବେହେରା ପ୍ରମୁଖଙ୍କୁ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ାଗୁରୁ ସମ୍ମାନ-୨୦୨୨ ପ୍ରଦାନ କରାଯିବ। ସେହିପରି ସୁଚିସ୍ମିତା ଡିଣ୍ଡା (ଭଲିବଲ), ମମତା ପାତ୍ର (ଫୁଟ୍‌ବଲ), ଅଜିତ ଶବର(ସଫ୍ଟ ଟେନିସ୍) ଓ ସାଇ ସ୍ୱରୂପ ବେବର୍ତ୍ତା(କରାଟେ) ପ୍ରମୁଖଙ୍କୁ କ୍ରୀଡ଼ା ପ୍ରତିଭା ସମ୍ମାନ ଏବଂ ଆଥଲେଟ୍ ନମିତା ପ୍ରଧାନଙ୍କୁ ଅନୁରାଧା ବିଶ୍ୱାଳ କ୍ରୀଡା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ।

# ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୬ା୭(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଚେସ୍ ଆସୋସିଏଶନ୍ ବ୍ୟାନରରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ୍ ସ୍କୁଲ୍ କ୍ୟାମ୍ପସରେ ଶନିବାରଠାରୁ ଆରମ୍ଭ ହୋଇଛି ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍। ଏହି ପ୍ରତିଯୋଗିତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଓସିଏ ସଭାପତି ପ୍ରଫେସର ଜି. ସି. ମହାପାତ୍ର ପ୍ରତିଯୋଗିତାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ୫ଟି କାଟେଗୋରିରେ ଏହି ପ୍ରତିଯୋଗିତା ଖେଳାଯାଉଛି। ଓପନ ଚେସ୍ ଚାମ୍ପିୟନଶିପ୍ ଖେଳାଯାଉଥିବା ବେଳେ ଜୁନିୟର ଖେଳାଳିଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ୭ ବର୍ଷରୁ କମ୍, ୯ ବର୍ଷରୁ କମ୍, ୧୧ ବର୍ଷରୁ କମ୍, ୧୩ବର୍ଷରୁ କମ୍ ଓ ୧୫ବର୍ଷରୁ କମ୍ କାଟେଗୋରିରେ ପ୍ରତିଯୋଗିତା ହେଉଛି। ମୋଟ ପୁରସ୍କାର ରାଶି ୫୦ ହଜାର ଟଙ୍କା ରଖାଯାଇଛି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୭ ହଜାର ଟଙ୍କା, ରନର୍ସଅପ୍‌କୁ ଟ୍ରଫି ସହ ୫ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ତୃତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୪ ହଜାର, ଚତୁର୍ଥ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୩ ହଜାର, ପଞ୍ଚମ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ଟ୍ରଫି ସହ ୨,୫୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ୬ଷ୍ଠରୁ ୧୦ମ ସ୍ଥାନର ପ୍ରତିଯୋଗୀଙ୍କ ପାଇଁ ଟ୍ରଫି ସହ ୨ ହଜାର ଓ ୧୧ତମ ସ୍ଥାନରୁ ୧୫ ତମ ସ୍ଥାନରେ ରହିଥିବା ଖେଳାଳିଙ୍କୁ ଟ୍ରଫି ସହ ୧୫୦୦ ଟଙ୍କା ପ୍ରଦାନ କରାଯିବ।

# ପ୍ରମୋଦ ଭଗତ ଫାଇନାଲରେ

**ଭୁବନେଶ୍ୱର, ୧୬ା୭ (ସ୍ପୋର୍ଟ୍ସ ବ୍ୟୁରୋ)**


ପ୍ରମୋଦ ଭଗତ

ଆୟର୍ଲାଣ୍ଡର ଡବଲିନ୍‌ଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଷ୍ଟାର ଖେଳାଳି ପ୍ରମୋଦ ଭଗତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ସେମିଫାଇନାଲରେ ଜାପାନର ଡାଇସୁଖି ଫୁଜିହାରାଙ୍କୁ ହରାଇ ଦେଇଛନ୍ତି। ପ୍ରତିଯୋଗିତାରେ ଭଗତ ଦୁଇଥର ଫୁଜିହାରାଙ୍କୁ ଭେଟିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଜାପାନିଜ୍ ଖେଳାଳିଙ୍କ ବିପକ୍ଷରେ ଭଗତଙ୍କୁ ୩ ଗେମ୍ ବିଶିଷ୍ଟ ମ୍ୟାଚରେ ହରାଇବାକୁ ପଡ଼ିଥିଲା। ସେମିଫାଇନାଲରେ କିନ୍ତୁ ସେ ୨୧-୧୫, ୨୧-୧୫ରେ ସହଜ ବିଜୟ ହାସଲ କରିଛନ୍ତି। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ୍ ବିଥେଲ୍‌ଙ୍କୁ ଭେଟିବେ। ଓଡ଼ିଶାର ଅନ୍ୟତମ ଖେଳାଳି ଦୀପ ରଞ୍ଜନ ବିଶୋଇ ଏସ୍ଏଲ୍-୪ ସିଙ୍ଗଲ୍ସରେ ଫ୍ରାନ୍ସର ଲୁକାସ୍ ମଜୁରଙ୍କଠାରୁ ୧୧-୨୧, ୭-୨୧ରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।

# ଭାରତର ବ୍ୟାଟିଂ ଆଭିମୁଖ୍ୟରେ ପରିବର୍ତ୍ତନ ଲୋଡ଼ା

**ମାଞ୍ଚେଷ୍ଟର, ୧୬ା୭(ପି.ଟି.)**

## ମାଞ୍ଚେଷ୍ଟରରେ ନିର୍ଣ୍ଣାୟକ ମୁକାବିଲା

ଲର୍ଡସରେ ଦୟନୀୟ ପରାଜୟ ପରେ ମାଞ୍ଚେଷ୍ଟରରେ ନିର୍ଣ୍ଣାୟକ ମୁକାବିଲା ପାଇଁ ପ୍ରସ୍ତୁତ ଉଭୟ ଭାରତ ଓ ଇଂଲଣ୍ଡ। ସିରିଜ ବିଜୟ ଆଶାରେ ଉଭୟ ଦଳ ପଡିଆକୁ ଓହ୍ଲାଇବେ। ୨୦୧୪ ପରଠାରୁ ଇଂଲଣ୍ଡ ଘରୋଇ ମାଟିରେ କେବେ ବି ସିରିଜ ପରାଜୟ ହାସଲ କରି ନ ଥିବା ବେଳେ ମୁକାବିଲାଟି ରୋମାଞ୍ଚକର ହେବା ନେଇ ଆଶା କରାଯାଉଛି। ସିରିଜରେ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରୁଥିବା ବେଳେ ଉଭୟ ମ୍ୟାଚ୍ ଏକପାଖିଆ ଭାବରେ ଶେଷ ହୋଇଛି। ଉଭୟ ଦଳର ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ ହେଁ ବ୍ୟାଟିଂ ଉଭୟ ଦଳ ପାଇଁ ରହିଛି ଚିନ୍ତାର କାରଣ। ଓଭାଲରେ ଆତ୍ମବିଶ୍ୱାସ ଭରା ବିଜୟ ପରେ ଭାରତୀୟ ଦଳ ଯେଉଁଭଳି ଢଙ୍ଗରେ ଲର୍ଡସରେ ବ୍ୟାଟିଂ କଲା ଏହା ଟିମ୍ ମ୍ୟାନେଜମେଣ୍ଟର ମୁଣ୍ଡବ୍ୟଥା ବଢାଇଛି। ଟି୨୦ ଶୃଙ୍ଖଳାରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ବେଳେ ଓଭାଲରେ ମଧ୍ୟ ସମାନ ସଫଳତା ଦୋହରାଇଥିଲା। ମାତ୍ର ଲର୍ଡସରେ ୨୪୭ ରନର ଏକ ଆଭରେଜ ଟାର୍ଗେଟର ପିଛା କରି ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଯେଉଁଭଳି ତାସଘର ପରି ଭୁଶୁଡିଗଲା ଏହା ସୃଷ୍ଟି କରିଛି ଅନେକ ପ୍ରଶ୍ନ। ଭାରତୀୟ ଦଳକୁ ଏହାର ବ୍ୟାଟିଂ ଆଭିମୁଖ୍ୟରେ ବଡ ପରିବର୍ତ୍ତନ ଆଣିବାକୁ ପଡିବ। ଓଭାଲ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତିବା ପରେ ଦ୍ୱିତୀୟ ମ୍ୟାଚରେ ଭାରତୀୟ ବ୍ୟାଟିଂ ଦୁର୍ବଳତା ପଦାରେ ପଡିଥିଲା। ରିସି ଟୋପଲେ ଓ ଡେଭିଡ୍ ୱିଲିଙ୍କ ସୁଇଂ ବୋଲିଂ ଆଗରେ ଭାରତୀୟ ବ୍ୟାଟ୍ସମ୍ୟାନ ସାମାନ୍ୟ ରକ୍ଷଣାତ୍ମକ ଆଭିମୁଖ୍ୟ ଆପଣେଇଥିଲେ ବୋଲି କହିଛନ୍ତି ଅଧିନାୟକ ରୋହିତ ଶର୍ମା। ସେହିପରି ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ବ୍ୟାଟିଂ ବିଫଳତା ଜାରି ରହିଥିବା ବେଳେ ଏହା ଦଳ ଉପରେ ଅଧିକ ଚାପ ସୃଷ୍ଟି କରୁଛି। ଏହା ସହିତ ଆରମ୍ଭରୁ ଦୁଇ ଓପନରଙ୍କ ଧିମା ବ୍ୟାଟିଂ ମଧ୍ୟ ଭାରତକୁ ପ୍ରଭାବିତ କରୁଛି। ତେବେ ସକାରାତ୍ମକ ମନୋଭାବ ସହିତ ପଡିଆକୁ ଓହ୍ଲାଇ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ଉଚିତ ହେବ ବୋଲି କହିଛନ୍ତି ରୋହିତ। ପ୍ରତ୍ୟେକ ଭାରତୀୟ ଖେଳାଳି ନିଜ ବ୍ୟକ୍ତିଗତ ପ୍ରଦର୍ଶନ ସୁଧାରିବାକୁ ପ୍ରୟାସ କରିବା ଉଚିତ ବୋଲି କହିଛନ୍ତି ଭାରତୀୟ ଅଧିନାୟକ। ଟି୨୦ ସିରିଜରେ ଏହି ଆଭିମୁଖ୍ୟ ଭାରତକୁ ସଫଳତା ଦେଇଥିବା ବେଳେ ଦିନିକିଆରେ ମଧ୍ୟ ଏହା ସଫଳତା ପ୍ରଦାନ କରିବ। ଦିନିକିଆକୁ ଦୁଇଟି ଟି୨୦ ମୁକାବିଲା ବିବେଚନା କରି ଖେଳିବାକୁ ପଡିବ ବୋଲି ମଧ୍ୟ ସେ କହିଛନ୍ତି। କେବଳ ଭାରତୀୟ ଟପ୍ ଅର୍ଡର ନୁହେଁ ଇଂଲିଶ ଟପ୍ ଅର୍ଡର ମଧ୍ୟ ରନ୍ ପାଇଁ ସଂଘର୍ଷ କରୁଛନ୍ତି। ଜୋସ୍ ବଟଲର, ଜନି ବେୟାରଷ୍ଟୋ, ଜାସନ୍ ରୟ, ବେନ୍ ଷ୍ଟୋକସ୍ ଏବଂ ଲିଆମ୍ ଲିଭିଙ୍ଗଷ୍ଟୋନଙ୍କ ବ୍ୟାଟ ମଧ୍ୟ ଅପେକ୍ଷାକୃତ ଭାବରେ ନୀରବ ରହିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ